ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯବେକ୍ଷକ

Vol.26 . No.253 Bhubaneswar Saturday November 18 2023 ୨୬ତମ ବର୍ଷ ସଂଖ୍ୟା–୨୫୩ ଭୁବନେଶ୍ୱର, ଶନିବାର, ନଭେମ୍ବର ୧୮, ୨୦୨୩ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS

## ସାମାଜିକ ନ୍ୟାୟ ଓ ଆଦର୍ଶର ପରିପାଳନ ନିମନ୍ତେ ହରିଶ୍ଚନ୍ଦ୍ରଙ୍କ ଜୀବନ ଉତ୍ସର୍ଗୀକୃତ ଥିଲା : ରାଜ୍ୟପାଳ

ଭୁବନେଶ୍ୱର,୧୭।୧୧(ପି.ଏନ):ସମାଜ ସେବା ପାଇଁ ଆବଶ୍ୟକ ସାମାଜିକ ଆଦର୍ଶ ଓ ପ୍ରତିବଦ୍ଧତା। ସମାଜର ପ୍ରତି ବର୍ଗଙ୍କ ଉତ୍ଥାନରେ ହିଁ ଅଛି ସାମାଜିକ ନ୍ୟାୟ ପ୍ରତିଷ୍ଠାର ସ୍ୱପ୍ନ ଓ ଆଭିମୁଖ୍ୟ। ଏହାକୁ ସାକାର କରିବା ପାଇଁ ବିଭିନ୍ନ ମାଧ୍ୟମ ରହିଛି। ସ୍ୱର୍ଗତ ହରିଶ୍ଚନ୍ଦ୍ର ବକ୍ସିପାତ୍ର ନିଜ ଚେତନା ଓ କର୍ମରେ ଏଥିପାଇଁ ଜୀବନବ୍ୟାପି କାର୍ଯ୍ୟକରିଥିଲେ ବୋଲି ରାଜ୍ୟପାଳ ରଘୁବର ଦାସ ପ୍ରକାଶ କରିଛନ୍ତି।

ଆଜି ଜୟଦେବ ଭବନରେ ଆୟୋଜିତ ହରିଶ୍ଚନ୍ଦ୍ର ବକ୍ସିପାତ୍ରଙ୍କ ୯୦ତମ ଜୟନ୍ତୀ ଉତ୍ସବରେ ଯୋଗଦେଇ ରାଜ୍ୟପାଳ ଶ୍ରୀ ଦାସ କହିଛନ୍ତି ଯେ, ଶିକ୍ଷା ହିଁ ପ୍ରଗତିର ମୂଳମନ୍ତ୍ର। ଶିକ୍ଷା ମାଧ୍ୟମରେ ସାମାଜିକ ପରିବର୍ତ୍ତନ ସମ୍ଭବ। ଏହାର



ସକାରାତ୍ମକ ଉପଯୋଗକରି ଲୋକମାନଙ୍କୁ ସଶକ୍ତ କରିବାର ଅନନ୍ୟ ପ୍ରୟୋଗ ସ୍ୱର୍ଗତ ବକ୍ସିପାତ୍ର କରିଥିଲେ। ତାଙ୍କ ସାଧନା ଓ ସିଦ୍ଧି ଚିରକାଳ ପ୍ରେରଣାଦାୟୀ ରହିବ ବୋଲି ରାଜ୍ୟପାଳ ଶ୍ରୀ ଦାସ ପ୍ରକାଶ କରିଛନ୍ତି।

ଉତ୍ସବରେ ପୂର୍ବତନ ମନ୍ତ୍ରୀ ତଥା ‘ହରିଶ୍ଚନ୍ଦ୍ର ବକ୍ସିପାତ୍ର ସ୍ମୃତି କମିଟି’ର ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ଘଡ଼େଇ ସ୍ମୃତିଚାରଣ କରିଥିଲେ। ପୂର୍ବତନ ପ୍ରଶାସକ ସଞ୍ଜୀବଚନ୍ଦ୍ର ହୋତା ସ୍ୱର୍ଗତ ବକ୍ସିପାତ୍ରଙ୍କ ସହିତ ନିଜର ଅନୁଭୂତି ଅବତାରଣା କରିଥିଲେ। ସ୍ମୃତି କମିଟିର ସାଧାରଣ ସଂପାଦକ ଲୋପାମୁଦ୍ରା ବକ୍ସିପାତ୍ର କମିଟିର ବିଭିନ୍ନ କାର୍ଯ୍ୟ ସଂପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ପାକ୍ଷିକ ପତ୍ରିକା ‘ଲୋକନୀତି’ର ବିଶେଷ ସଂଖ୍ୟା ଉନ୍ମୋଚିତ ହେବା ସହ ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ସଂବର୍ଦ୍ଧିତ କରାଯାଇଥିଲା। ପୂର୍ବତନ ବୈଦେଶିକ ସଚିବ ତଥା କୂଟନୀତିଜ୍ଞ ଶ୍ୟାମ ସରନ୍ ସ୍ମାରକୀ ବକ୍ତୃତା ପ୍ରଦାନ କରିଥିଲେ।

## ମାନ୍ୟବର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ଭାରତର ସିଏଜି ଗିରିଶ ଚନ୍ଦ୍ର ମୁର୍ମୁ ଓଡ଼ିଆ ଅସ୍ମିତା, ସ୍ୱାଭିମାନର ଅନନ୍ୟ ପରିଚୟ -ଧର୍ମେନ୍ଦ୍ର ପ୍ରଧାନ



ଭୁବନେଶ୍ୱର,୧୭।୧୧ (ପି.ଏନ): କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସାମାଜିକ ଗଣମାଧ୍ୟମରେ ଭାରତର ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ‘ତୃତୀୟ ଅଡିଟ୍ ଦିବସ ସମାରୋହ’ ଅବସରରେ ସିଏଜି ଶ୍ରୀ ଗିରିଶ ଚନ୍ଦ୍ର ମୁର୍ମୁଙ୍କୁ ସମ୍ମାନିତ କରୁଥିବାର ଏକ ଫଟୋ ସେୟାର୍ କରି ଖୁସି ପ୍ରକାଶ କରିଛନ୍ତି । ଶ୍ରୀ ପ୍ରଧାନ ଉଲ୍ଲେଖ କରିଛନ୍ତି ଯେ ଓଡ଼ିଶାର ଦୁଇ ଜଣ ସୁଯୋଗ୍ୟ ସନ୍ତାନ ଭାରତର ମାନ୍ୟବର ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଓ ଭାରତର ସିଏଜି ଶ୍ରୀ ଗିରିଶ ଚନ୍ଦ୍ର ମୁର୍ମୁଙ୍କ ପାଇଁ ଓଡ଼ିଆ ଭାବେ ଆମେ ଗର୍ବିତ । ଏହା ଆମର ଗଣତନ୍ତ୍ର, ଜନଜାତି ଓ ବଞ୍ଚିତ ବର୍ଗଙ୍କ ପାଇଁ ବଡ଼ ସମ୍ମାନ ।

## ଗାମ ଜିଲ୍ଲାର ବିଭିନ୍ନ ଅଂଚଳରେ ଭୟଙ୍କର ମରୁଡ଼ି ପରିସ୍ଥିତ

ଭୁବନେଶ୍ୱର,୧୭।୧୧ (ପି.ଏନ) : ଗାମ ଜିଲ୍ଲାରେ ସ୍ୱଳ୍ପ ବୃଷ୍ଟିପାତ ଯୋଗୁଁ ଜିଲ୍ଲାର ୨୨ଟି ବ୍ଲକର ବିଭିନ୍ନ ଅଂଚଳରେ ବର୍ତ୍ତମାନ ଭୟଙ୍କର ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଛି। ଯାହାକୁ ନେଇ ଚାଷୀକୂଳ ବହୁ ଚିନ୍ତାରେ। ଆଖି ଆଗରେ ବର୍ଷକର ଫସଲ ଉଜୁଡ଼ି ଯାଇଛି। ଧାନ ଫସଲ ଜଳିପୋଡ଼ି ନଷ୍ଟ ହେବା ସହ ଜମି ଫାଟି ଆଁ କରିଛି। ବନ୍ଧ, ଗାଡ଼ିଆ, ଜଳାଶୟ ସବୁ ଶୁଷ୍କ ଅବସ୍ଥାରେ। ଚାଷ କ୍ଷେତକୁ ଜଳସେଚନ ସୁବିଧା ନ ଥିବା ଯୋଗୁଁ ଫସଲ ହାନୀ ଏଠାରେ ମୁଖ୍ୟ କାରଣ ହୋଇଛି। ଫଳରେ ହଜାର ହଜାର ଚାଷୀ ଗାଁ ଗଣ୍ଡା ଛାଡ଼ି ବାହାର ରାଜ୍ୟକୁ ଦାଦନ ଯିବାକୁ ବାହାରିଲେଣି। ଆଜି ପର୍ଯ୍ୟନ୍ତ ସରକାର କିମ୍ବା ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ଦୁଃସ୍ଥିତି ସମ୍ପର୍କରେ ଅନୁଧ୍ୟାନ କରାଯାଇ ନଥିବା କ୍ଷତିଗ୍ରସ୍ତ ଚାଷୀମାନେ ଅଭିଯୋଗ କରିଛନ୍ତି। କ୍ଷୟ କ୍ଷତି ଓ ମରୁଡ଼ି ପରିସ୍ଥିତି ସମ୍ପର୍କରେ ଅନୁଧ୍ୟାନ କରି ସ୍ଥାନୀୟ ଚାଷୀମାନଙ୍କ ସହ ଆଲୋଚନା କରାଯାଇ ସରକାରଙ୍କ ପକ୍ଷରୁ ଏହାର ବିକଳ୍ପ ବ୍ୟବସ୍ଥା କରିବାକୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଶରତ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ପିସିସି କିଷାନ କଂଗ୍ରେସ ରାଜ୍ୟ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ଅନୁଧ୍ୟାନକାରୀ ଟିମ୍ ଗତ ୧୪ ତାରିଖ ଦିନ ବେଲଗୁଣ୍ଠା, ଜଗନ୍ନାଥପ୍ରସାଦ, ଭଞ୍ଜନଗର, ସୋରଡ଼ା ବ୍ଲକର ବିଭିନ୍ନ ଅଂଚଳ ଗସ୍ତକରି କ୍ଷତିଗ୍ରସ୍ତ ଚାଷୀମାନଙ୍କ ସହିତ ଆଲୋଚନା କରିବା ସହ କ୍ଷେତକୁ ଯାଇ ମରୁଡ଼ି ସ୍ଥିତି ଅନୁଧ୍ୟାନ କରିଥିଲେ। ପୁନଶ୍ଚ ଗତ ୧୬ ତାରିଖ ଦିନ ଅଧ୍ୟକ୍ଷ ଶ୍ରୀ ପଟ୍ଟନାୟକ ଓ ଗାମ ଜିଲ୍ଲା କଂଗ୍ରେସ କମିଟି ସଭାପତି ତଥା ସାନଖେମୁଣ୍ଡି ବିଧାୟକ ଶ୍ରୀ ରମେଶ ଜେନାଙ୍କ ନେତୃତ୍ୱରେ ଏକ ୨୧ ଜଣିଆ ଟିମ୍ ଦିଗପହଣ୍ଡି, ସାନଖେମୁଣ୍ଡି, କୁକୁଡ଼ାଖଣ୍ଡି,



ଧରାକୋଟ ପ୍ରଭୃତି ମରୁଡ଼ି ପ୍ରଭାବିତ ୧୪ଗୋଟି ସ୍ଥାନକୁ ଯାଇ ସ୍ଥିତି ସମୀକ୍ଷା କରିଥିଲେ। ଏହାପରେ ଏହି ପ୍ରତିନିଧି ମଣ୍ଡଳୀ ସନ୍ଧ୍ୟାରେ ଗାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଛତ୍ରପୁରଠାରେ ଅତିରିକ୍ତ ଜିଲ୍ଲାପାଳ ପ୍ରିୟ ରନ ପୃଷ୍ଟି, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ଜଳସେଚନ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଓ ଅନ୍ୟ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ କଂଗ୍ରେସ ଦଳ ତରଫରୁ ମରୁଡ଼ି ସ୍ଥିତି ଅନୁଧ୍ୟାନ କରାଯାଇଥିବା ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ସରକାରଙ୍କ ପକ୍ଷରୁ ସ୍ଥିତି ଅନୁଧ୍ୟାନ ପାଇଁ ବିଶେଷ ତତ୍ପରତା ପ୍ରକାଶ ପାଇ ନ ଥିବା ହେତୁ ଅଧ୍ୟକ୍ଷ ଶ୍ରୀ ପଟ୍ଟନାୟକ ଗଭୀର କ୍ଷୋଭ ପ୍ରକାଶ କରି କହିଲେ ଯେ, ପ୍ରଶାସନ ତରଫରୁ ତୁରନ୍ତ ବିଭିନ୍ନ ଅଂଚଳକୁ ଅଧିକାରୀମାନେ ଗସ୍ତକରି ଫସଲ କ୍ଷତି ସମ୍ପର୍କରେ ତଥ୍ୟ ସଂଗ୍ରହ କରିବା ସହିତ ଚାଷୀମାନଙ୍କର ଏପରି ଦୂରାବସ୍ଥା ସମୟରେ ସରକାରଙ୍କ ପକ୍ଷରୁ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିବାକୁ ଦାବୀ କରିଥିଲେ। ବିଶେଷ କରି ଫସଲ କ୍ଷତିଗ୍ରସ୍ତ ଅଂଚଳଗୁଡ଼ିକୁ ମରୁଡ଼ି ଅଂଚଳ ଘୋଷଣା, ଫସଲ କ୍ଷତିଗ୍ରସ୍ତ ଚାଷୀଙ୍କୁ ଏକର ପିଛା ୨୫ ହଜାର ଟଙ୍କା ସହାୟତା, ସମ୍ପୂର୍ଣ୍ଣ କୃଷି ଋଣ ଛାଡ଼, ମାଗଣା ବିଜୁଳି, ସୋଲାର ପମ୍ପସେଟ୍ ପ୍ରଦାନ, ବତର ଥିବା ଅଂଚଳଗୁଡ଼ିକରେ ଡାଲି ପ୍ରଭୃତି ତୈଳବୀଜ ଜାତୀୟ ବିହନ ଯୋଗାଣ, ଉଦ୍ୟାନ ବିଭାଗ ପକ୍ଷରୁ ପନିପରିବା ମିନିକିଟ୍ସ ପ୍ରଦାନ, ଅଧିକୃତ ଫସଲ ବୀମା କ୍ଷତିପୂରଣ ପ୍ରଦାନ, କୃଷିକ୍ଷେତ୍ରରେ ମନରେଗା କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ, ଭାଗଚାଷୀମାନଙ୍କୁ ସ୍ୱତନ୍ତ୍ର ସହାୟତା ଯୋଗାଇ ଦେବାକୁ କଂଗ୍ରେସ ପକ୍ଷରୁ ଦାବୀ କରାଯାଇଛି। ଯଦି ଏ ଦିଗରେ ଆଶୁ ପଦକ୍ଷେପ ଗ୍ରହଣ କରା ନ ଯାଏ, ଆଗାମୀ ଦିନରେ କଂଗ୍ରେସ ପକ୍ଷରୁ ସରକାର ଓ ଜିଲ୍ଲା ପ୍ରଶାସନ ବିରୁଦ୍ଧରେ ଚାଷୀ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ଜିଲ୍ଲା କଂଗ୍ରେସ କମିଟି ସଭାପତି ବିଧାୟକ ଶ୍ରୀ ଜେନା କହିଛନ୍ତି। ଏହି ପ୍ରତିନିଧି ମଣ୍ଡଳୀରେ ଅନ୍ୟମାନଙ୍କ ମଧ୍ୟରେ ଗାମ ଜିଲ୍ଲା କିଷାନ କଂଗ୍ରେସ ସଭାପତି ଶ୍ୟାମ ସୁନ୍ଦର ଦୋରା, ରାଜ୍ୟ ଉପାଧ୍ୟକ୍ଷ ବୃନ୍ଦାବନ ଖଟେଇ, ସାଧାରଣ ସମ୍ପାଦକ ସାଇ ପ୍ରସାଦ ପାତ୍ର, ପଦ୍ମ ଚରଣ ସାହୁ, ରାମ ବିଶ୍ୱାସରାୟ, ସୁବାଷ ରାଉତ, ବ୍ଲକ କଂଗ୍ରେସ ସଭାପତି ପି. ଶିବ ପ୍ରସାଦ ଦୋରା, ଅଭିମନ୍ୟୁ ଜାନୁ, ବାବୁଲା ଦୋରା, ଭାଗିରଥୀ ବେହେରା, ଅବନୀ ଶତପଥୀ, ଭୋକଲି ସେଠୀ, ଦଣ୍ଡପାଣି ପାତ୍ର, ଶଙ୍କର ଅଧିକାରୀ, ସେହିପରି ଭଞ୍ଜନଗର ସବ୍‌ଡିଭିଜନ ସ୍ତରରେ ଜଗନ୍ନାଥପ୍ରସାଦ ବ୍ଲକ କଂଗ୍ରେସ ସଭାପତି ବିଦ୍ୟାଧର ପ୍ରଧାନ, ନଗର କଂଗ୍ରେସ ସଭାପତି ସନ୍ତୋଷ ପଟ୍ଟନାୟକ, ଏ.ଆଇ.ସି.ସି ସଦସ୍ୟ ବିସ୍ମୟ ମହାପାତ୍ର, ପିସିସି ସଭ୍ୟ ଦେବୀ ବିଶୋଇ, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ପ୍ରଶାନ୍ତ ବିଶୋଇ, ପ୍ରଦେଶ କଂଗ୍ରେସ ସମ୍ପାଦକ ସୁକାନ୍ତ ଦିଗାଲ, ନାରାୟଣ ସେଠୀ, ସୋରଡ଼ା ବ୍ଲକ ସଭାପତି ହରେକୃଷ୍ଣ ରଥ ପ୍ରମୁଖ ଉପସ୍ଥିତ ଥିଲେ।

## କିମ୍ସରେ କିଡନୀ-କର୍କଟ ରୋଗୀଙ୍କ ସଫଳ ଅସ୍ତ୍ରୋପଚାର

ଭୁବନେଶ୍ୱର,୧୭। ୧୧(ପି.ଏନ): ଅତ୍ୟାଧୁନିକ ଲାପାରୋସ୍କୋପିକ୍ ମାଧ୍ୟମରେ ଜନୈକ ୭୦ ବର୍ଷୀୟ କିଡନୀ-କର୍କଟ ରୋଗୀଙ୍କଠାରେ ଅସ୍ତ୍ରୋପଚାର କରି ସଫଳତା ପାଇଛନ୍ତି କିମ୍ସ ଡାକ୍ତର। ରୋଗୀ ଜଣକ ମଧୁମେହ, ଉଚ୍ଚ ରକ୍ତଚାପ ଓ କିଡନୀ ରୋଗରେ ପୀଡ଼ିତ ଥିଲେ। ତାଙ୍କ ବାମ କିଡନୀରେ ୪ ବର୍ଗ ସେମି ଆକାରର ଟ୍ୟୁମର ଥିବା ଜଣାପଡ଼ିଥିଲା। ରୋଗୀଙ୍କର ଏକାଧିକ କୋମର୍ବିଡିଟି ଏବଂ ଜଟିଳ କିଡନୀ ରୋଗ ଥିବାରୁ ତାଙ୍କୁ ଲାପାରୋସ୍କୋପିକ୍ ଆଂଶିକ ନେଫ୍ରେକ୍ଟୋମିର ବିକଳ୍ପ ଦିଆଯାଇଥିଲା। କିଡନୀର ଯେଉଁ ଅଂଶରେ କର୍କଟ ହୋଇଥିଲା କେବଳ ସେହି ଅଂଶକୁ ଅସ୍ତ୍ରୋପଚାର ମାଧ୍ୟମରେ ବାହାର କରାଯାଇଛି। ଲାପ୍ରୋସ୍କୋପିକ୍ ପଦ୍ଧତି ବା କି ହୋଲ୍ ସର୍ଜରୀ ଦ୍ୱାରା ଆଂଶିକ ଅସ୍ତ୍ରୋପଚାର କରାଯାଇଥିଲା।

## ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକଙ୍କ ବେଳାଭୂମି ପ୍ଲାଷ୍ଟିକ ପ୍ରଦୂଷଣ ସଚେତନ କାର୍ଯ୍ୟକ୍ରମରେ ଯୋଗ ଦେବେ ଜର୍ମାନ କନ୍ସଲ ଜେନେରାଲ ବାର୍ବରା ଭସ





ପୁରୀ,୧୭।୧୧(ପି.ଏନ): ଆଜି ଅପରାହ୍ନ ୩ ଘଟିକା ସମୟରେ ପୁରୀ ବେଳାଭୂମିଠାରେ ଅନ୍ତରାଷ୍ଟ୍ରୀୟ ବାଲୁକା କଳା ଶିଳ୍ପୀ ସୁଦର୍ଶନ ପଟ୍ଟନାଙ୍କଙ୍କ ଦ୍ୱାରା ଆୟୋଜିତ ବେଳା ଭୂମି ପ୍ଲାଷ୍ଟିକ ପ୍ରଦୂଷଣ ସଚେତନତା ସମ୍ପର୍କୀୟ କର୍ମଶାଳାରେ ଛାତ୍ରଛାତ୍ରୀମାନଙ୍କ ଗହଣରେ ଜର୍ମାନୀ ଗଣ ରାଜ୍ୟର କୋଲକତାରେ ଅବସ୍ଥାପିତ କନସଲଟ ଜେନେରାଲ ବାର୍ବରା ଭସ ଯୋଗ ଦେବେ। ଆଗାମୀ ଛାତ୍ର ଓ ଯୁବ ପିଢି ଉକ୍ତ ପର୍ଯ୍ୟାବରଣ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଦ୍ୱାରା ବିଶେଷ ଭାବରେ ପ୍ରଭାବିତ ହେବେ ବୋଲି ଉଭୟେ ଆଶାବ୍ୟକ୍ତ କରିଛନ୍ତି।

## ୟୁଥ୍ ଫର ଭଲ୍ୟୁ□ାରୀ ୱାର୍କ ତରଫରୁ ଜାତୀୟ ପ୍ରେସ୍ ଦିବସ ପାଳିତ

ଭୁବନେଶ୍ୱର, ୧୭।୧୧(ପି.ଏନ) : ସାମାଜିକ ଅନୁଷ୍ଠାନ ‘ୟୁଥ୍ ଫର ଭଲ୍ୟୁ□ାରୀ ୱାର୍କ’ ତରଫରୁ ଭୁବନେଶ୍ୱରସ୍ଥିତ ବୁଦ୍ଧମନ୍ଦିର ସମ୍ମିଳନୀ କକ୍ଷରେ ‘ଜନଗଣଙ୍କ ସ୍ୱାର୍ଥରେ ଗଣମାଧ୍ୟମ’ ଶୀର୍ଷକ ବିଷୟରେ ଆଲୋଚନା ସହ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠାନର ଅଧ୍ୟକ୍ଷ ମୀର ଅହମ୍ମଦ ଅଲ୍ଲୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମରେ ଅତିଥି ରୂପେ ବିଶିଷ୍ଟ ଲେଖକ ଓ ସଂଳାପକାର ଡକ୍ଟର ରଜନୀ ରଂଜନ, ପ୍ରଗତିବାଦୀର କାର୍ଯ୍ୟକାରୀ ସମ୍ପାଦକ ବିରୂପାକ୍ଷ ତ୍ରିପାଠୀ, ବିଶିଷ୍ଟ ଟେଲିଭିଜନ ଉପସ୍ଥାପିକା ସୁପ୍ରିୟା ଦାଶ, ବିଶିଷ୍ଟ ଟେଲିଭିଜନ ଉପସ୍ଥାପକ ଭବାନୀ ଶଙ୍କର ମହାପାତ୍ର, ବିଶିଷ୍ଟ ଚଳଚ୍ଚିତ୍ର ଅଭିନେତା ଚନ୍ଦନ କର ଓ ସମାଜସେବୀ ଲୀନା ନନ୍ଦିତା ପରିଡ଼ା ଯୋଗଦେଇଥିଲେ । ଗଣତନ୍ତ୍ରକୁ ସୁସ୍ଥ ଭାବରେ ବଜାୟ ରଖିବା ପାଇଁ



ଗଣମାଧ୍ୟମକୁ ମୁକ୍ତ ଓ ଅବାଧ ଭାବେ କାର୍ଯ୍ୟ କରିବାର ସ୍ୱାଧୀନତା ଦେବା ଦରକାର, ନହେଲେ ଗଣତନ୍ତ୍ରର ମୂଳଦୁଆ ଦୋହଲିଯିବ । ଗଣତନ୍ତ୍ରର ପ୍ରମୁଖ ସ୍ତମ୍ଭ ଭାବେ ଗଣମାଧ୍ୟମକୁ ବିବେଚନା କରାଯାଏ । ଗଣମାଧ୍ୟମ ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ସାମ୍ନାକୁ ଆଣିବା ଉଚିତ୍ । ଭାରତ ଏହାର ଲୋକମାନେ ସମ୍ମୁଖୀନ ହେଉଥିବା ଆହ୍ୱାନ ବିଷୟରେ ଲୋକଙ୍କୁ ଅବଗତ କରାଇବା ଯଥା- ଶିକ୍ଷା, ଭି□ଭୂମି, ସ୍ୱାସ୍ଥ୍ୟ, କୃଷି, ରୋଜଗାର ଏବଂ ଆହୁରି ଅନେକ । ଗଣମାଧ୍ୟମ କେବଳ ସୂଚନା ନୁହେଁ ବରଂ ସମସ୍ୟାର ସମାଧାନ ପାଇଁ ଆଲୋକ ମଧ୍ୟ ଦେଇପାରେ ବୋଲି ୟୁଥ୍ ଫର ଭଲ୍ୟୁ□ାରୀ ୱାର୍କ ପକ୍ଷରୁ ଏହି ଆଲୋଚନା ଚକ୍ରରେ ଉପସ୍ଥିତ ବ୍ୟକ୍ତିମାନେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ସାମ୍ବାଦିକତା କ୍ଷେତ୍ରରେ ନିଜର ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଥିବା ସାମ୍ବାଦିକ ଓ ସାମ୍ବାଦିକାମାନଙ୍କୁ ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅମୀୟ ପାଣ୍ଡବ, ପ୍ରଶାନ୍ତ ଶତପଥୀ, ସଂଗ୍ରାମ କେଶରୀ, ମାନସ ପଟ୍ଟନାୟକ, ନଳିନୀକାନ୍ତ ନାୟକ, ବିଭୂତି ଭୂଷଣ ମହାପାତ୍ର, ନିରୋଜାଲକ୍ଷ୍ମୀ ମହାପାତ୍ର, ଭିକାରୀ ସ୍ୱାଇଁ, ବିଶ୍ୱଭୂଷଣ ଦାସ, ଭାଗ୍ୟଶ୍ରୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ବରଗଡ ଜିଲ୍ଲା ଗସ୍ତରେ ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧ୍ୟକ୍ଷ

ବରଗଡ,୧୭।୧୧(ପି.ଏନ): ବରଗଡ ଜିଲ୍ଲା ଗସ୍ତରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ଶ୍ରୀ ଅସିତ୍ ତ୍ରିପାଠୀ । ଜିଲ୍ଲାରେ ଅନେକ ଉନ୍ନୟନମୂଳକ କାର୍ଯ୍ୟର ତଦାରଖ କରିବା ସହ ଅନେକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ବିଜେପୁର କଲେଜରେ ବହୁମୁଖୀ ଅଡିଟୋରିୟମର ନିର୍ମାଣ ପାଇଁ ଶିଳାନ୍ୟାସ କରିଛନ୍ତି ଶ୍ରୀ ତ୍ରିପାଠୀ । ପ୍ରାୟ ୭୮ ଲକ୍ଷ ୪୩ ହଜାର ବ୍ୟୟବରାଦରେ ଏହି ଅଡିଟୋରିୟମ ନିର୍ମାଣ କରାଯିବ ।ଏହି ଅବସରରେ ଶ୍ରୀ ତ୍ରିପାଠୀ କହିଛନ୍ତି, କଲେଜରେ ଉନ୍ନତିକରଣ ହେଲେ ଛାତ୍ରଛାତ୍ରୀଙ୍କ ଶିକ୍ଷାରେ ବିକାଶ ହେବ । ସେମାନଙ୍କ ଶିକ୍ଷାର ମାନ ବୃଦ୍ଧି କରିବା ସହ ପାଠ୍ୟକ୍ରମ ବହିର୍ଭୁତ କାର୍ଯ୍ୟକ୍ରମରେ ଅଡିଟୋରିୟମ୍ ବିଶେଷ ଭାବରେ ସହାୟକ ହେବ । ସମ୍ବଲପୁର ଜି.ଏମ୍ ବିଶ୍ୱବିଦ୍ୟାଳୟରେ ପରିଷଦର ବ୍ୟୟବରାଦରେ ନିର୍ମାଣ ହୋଇଥିବା ଅଡିଟୋରିୟମରୁ ମାନ୍ୟବର ମୁଖ୍ୟମନ୍ତ୍ରୀ ମଧ୍ୟ ପ୍ରସଂଶା କରିଛନ୍ତି । ତେଣୁ ସେହିଭଳି ଭାବେ ଏହି ମହାବିଦ୍ୟାଳୟର ଅଡିଟୋରିୟମ ମଧ୍ୟ ନିର୍ମାଣ କରାଯିବ ବୋଲି ମୋର ଆଶା ।ଶିଳାନ୍ୟାସ କାର୍ଯ୍ୟକ୍ରମରେ ବିଜେପୁର ବିଧାୟିକାତଥା ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ ମନ୍ତ୍ରୀ ଶ୍ରୀମତୀ ରିତା ସାହୁ ଉପସ୍ଥିତ ଥିଲେ । ଅନ୍ୟପକ୍ଷେ ବିଜେପୁର ବ୍ଲକ ସ୍ଥିତ ଟାଙ୍ଗରୁପଦର ରୁ ମଘା ରାସ୍ତା ଓ ତଳପଦର ରୁ ବରଗୋଡା ରାସ୍ତାରେ ବ୍ରିଜ୍ ନିର୍ମାଣ ପାଇଁ ଶିଳାନ୍ୟାସ କରିଛନ୍ତି ଶ୍ରୀ ତ୍ରିପାଠୀ । ଏହି ବ୍ରିଜ୍ ନିର୍ମାଣ ପାଇଁ ପ୍ରତ୍ୟେକ ୨୦ ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଛି ।ଅନ୍ୟପକ୍ଷେ ଅତାବିରା ବ୍ଲକ ସ୍ଥିତ ଖଇରପାଲି



ମୁଖ୍ୟମନ୍ତ୍ରୀ ସଭାଘର ପରିଦର୍ଶନ କରିଛନ୍ତି ପରିଷଦର ଅଧ୍ୟକ୍ଷ । ଏହି ସଭାଘର ନିର୍ମାଣ ପାଇଁ ପରିଷଦ ପକ୍ଷରୁ ୮୪ ଲକ୍ଷ ୧୫ ହଜାର ଟଙ୍କା ମଞ୍ଜୁର କରାଯାଇଥିଲା । ଗସ୍ତ କାର୍ଯ୍ୟକ୍ରମରେ ବରଗଡ ଜିଲ୍ଲାପାଳ ଶ୍ରୀମତୀ ମନଷା ବାନାର୍ଜୀ ଉପସ୍ଥିତ ଥିଲା ବେଳେ ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ଼ ଅଜିତ୍ କୁମାର ମିଶ୍ର ଓ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ ।

# କଣିହାଁ ବ୍ଲକ ଦୁର୍ନୀତିର ଏନ୍ତୁଡ଼ିଶାଳ-ବିଜେପି

କଣିହାଁ ,୧୭।୧୧(ପି.ଏନ): ଅନୁଗୁଳ ଜିଲ୍ଲା କଣିହାଁ ବ୍ଲକ ରେ ଦୁର୍ନୀତି ଚରମ ସୀମାରେ ପହଁଞ୍ଚିଛି, ବ୍ଲକ କାର୍ଯ୍ୟାଳୟ ରେ ଦୁର୍ନୀତି, ବିନା ଲାଞ୍ଚ ରେ କୌଣସି କାର୍ଯ୍ୟ ହେଉନାହିଁ । ସମସ୍ତ କାର୍ଯ୍ୟ ରେ ୫୦% ପିସି, ଦୁର୍ନୀତିର ଏନ୍ତୁଡ଼ି ଶାଳ ସାଜିଛି କଣିହାଁ ବ୍ଲକ କାର୍ଯ୍ୟାଳୟ ବୋଲି ବିଜେପି ନେତାମାନେ ପ୍ରକାଶ କରିଛନ୍ତି ।ଅପାରଗ ,ଦୁର୍ନୀତି ଗ୍ରସ୍ତ, ଭ୍ରଷ୍ଟାଚାରୀ, ବ୍ୟଭିଚାରୀ, ୨୩ବର୍ଷର ରାଜ୍ୟ ସରକାର ବିରୁଦ୍ଧରେ ବିଜେପି ପକ୍ଷରୁ ଆଜି ଶୁକ୍ରବାର କଣିହାଁ ବ୍ଲକ କାର୍ଯ୍ୟାଳୟ କୁ ଘେରାଉ କରାଯାଇଥିଲା। ବରିଷ୍ଠ ବିଜେପି ନେତା ପ୍ରାକ୍ତନ ରାଜ୍ୟ ସମ୍ପାଦକ ତଥା ତାଳଚେରର ବିଶ୍ୱସ୍ତ ସେବକ କାଳନ୍ଦି ସାମଲ ଯୋଗଦେଇ ବିଜେଡି ଶାସନରେ ଦୁର୍ନୀତି ଚରମ ସୀମାରେ ପହଂଚିଛି, ଜେଇ କୁ ଠିକାଦାର ସଜେଇ ମୋଦି ସରକାର ଦେଉଥିବା ଅର୍ଥ କୁ ଲୁଟ କରିବା ପାଇଁ ରାଜ୍ୟ ସରକାର ବିଜେଡ଼ି ର ଦଳୀୟ ଲୋକଙ୍କୁ କାର୍ଯ୍ୟ ଦେଇ ୫୦% ପିସି ଆଦାୟ କରି ଦଳୀୟ ପାଣ୍ଠି ସଂଗ୍ରହ କରୁଛନ୍ତି ବୋଲି ସେ କହିଛନ୍ତି ।ଆଜି ପଞ୍ଚାୟତ ରୁ ନେଇ ବ୍ଲକ, ଜିଲ୍ଲା ସ୍ତରୀୟ ଅଫିସ ରୁ ନେଇ ସଚିବାଳୟ ପର୍ଯ୍ୟନ୍ତ ସବୁ ଠାରେ ଖୁଲମ ଖୁଲା ଦୁର୍ନୀତି, ପିସି କରାବାର ଚାଲିଛି । ଓଡିଶା ରେ ବର୍ଷ କୁ ଏକ ଲକ୍ଷ୍ୟ କୋଟି ଟଙ୍କା ରେ ଦୁର୍ନୀତି ହେଉଛି । ରାଜ୍ୟ ସରକାର ଙ୍କ ଗୁମାସ୍ତାମାନେ ଏବେ ସାଧାରଣ ଓଡ଼ିଆ ଲୋକଙ୍କ ତଣ୍ଟି ଚିପିବା ପାଇଁ ବସିଛନ୍ତି । କେବଳ ବିଜ୍ଞାପନ ରେ ବଞ୍ଚିଛନ୍ତି ସରକାର । ସାଂସଦ ବିଧାୟକ ମାନେ ଲୋକଙ୍କ ଭୋଟ ପାଇଁ ନିର୍ବାଚିତ ହୋଇଥିବା ବେଳେ ସାଧାରଣ ଲୋକଙ୍କ ର କୌଣସି ସମସ୍ୟା ପ୍ରତି ଦୃଷ୍ଟି ନ ଦେଇ ଗୁମାସ୍ତା ଙ୍କର ଟେଣ୍ଟି ବାନ୍ଧିବା, ଚୌକି ପକାଇବା, ଲୋକ ଯୋଗାଡ଼ କରିବା କାର୍ଯ୍ୟରେ ବ୍ୟସ୍ତ ବୋଲି ଶ୍ରୀ ସାମଲ କହିଛନ୍ତି ।ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପାଲଲହଡା ନିର୍ବାଚନ ମଣ୍ଡଳୀ ର ବରିଷ୍ଠ ବିଜେପି ନେତା ଅଶୋକ ମହାନ୍ତି ଯୋଗଦେଇ କଣିହାଁ ବ୍ଲକ ଦୁର୍ନୀତିର ଏନ୍ତୁଡ଼ିଶାଳ ଶାଳ ପାଲଟିଛି ବୋଲି ପ୍ରକାଶ କରିଛନ୍ତି ।,ଦୁଇ ମାସ ତଳେ ଭାରତୀୟ ଜନତା ପାର୍ଟି ସାରା ରାଜ୍ୟରେ ସମସ୍ତ ପଂଚାୟତରେ ଦୁର୍ନୀତି, ଅପାରଗତା, ଭ୍ରଷ୍ଟାଚାର ବିରୋଧରେ ଘେରାଉ କାର୍ଯ୍ୟକ୍ରମ କରିଥିଲା । ପଂଚାୟତରେ ହୋଇଥିବା ଏହି ଘେରାଉ କାର୍ଯ୍ୟକ୍ରମରେ ଦଳକୁ ମିଳିଥିବା ଅଭୂତପୂର୍ବ ଜନସମର୍ଥନ ଯାହା ପ୍ରମାଣିତ




କରୁଛି ଯେ, ସାଧାରଣ ଲୋକଙ୍କ ମନରେ ଏହି ସରକାର ବିରୋଧରେ ଏକ ବିପୁଳ ଜନଆକ୍ରୋଶ ଭରପୁର ହୋଇ ରହିଛି । ସାଧାରଣ ଲୋକଙ୍କ ହକ୍ ଅଧିକାର ପାଇଁ ଆମର ଏହି ଲଢେଇ ଜାରି ରହିବବୋଲି ସେ କହିଛନ୍ତି। ଅନୁଗୁଳ ଜିଲ୍ଲା ମିଡିଆ ସେଲ ଅଧ୍ୟକ୍ଷ ତଥା କଣିହାଁ ମଣ୍ଡଳ ପ୍ରଭାରୀ ପର୍ଶୁରାମ ବାରିକ ଯୋଗଦେଇ ବିଜେଡ଼ି ଶାସନରେ ଭତା, ରେସନ କାର୍ଡ, ପାଇଖାନା ଓ ପକ୍କାଘରଟିଏ ପାଇବା ପାଇଁ ଲାଂଚ ଦେବାକୁ ପଡୁଛି । ୨୦ ହଜାର ଟଙ୍କା ଲାଂଚ ନଦେଲେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ମିଳୁନି, ୧ହଜାର ଟଙ୍କା ଲାଂଚ ନଦେଲେ ଭତା ମିଳୁନି, ୫ହଜାର ଟଙ୍କା ନଦେଲେ ରେସନ କାର୍ଡ ମିଳୁନି । ସେହିପରି ପାଇଖାନାରେ ୨ହଜାର ଟଙ୍କା ଲାଂଚ ଦେବାକୁ ପଡୁଛି । ଆଜି ପଂଚାୟତରେ ସରପଂଚ, ସମିତି ସଭ୍ୟମାନଙ୍କର କ୍ଷମତାକୁ ହଡପ କରିନିଆଯାଇଛି । ଆଜି ସେମାନେ ରାଜରାସ୍ତାରେ ଆନ୍ଦୋଳନ କରୁଛନ୍ତି ବୋଲି ପ୍ରକାଶ କରିଥିଲେ। ଅନ୍ୟାନ୍ୟ ବକ୍ତା ମାନେ ଯୋଗଦେଇ । ଓଡିଶାରେ କ'ଣ ହେବ ନହେବ ସବୁ ନିଷ୍ପତି ନେଉଛନ୍ତି କିଛି ମୁଷ୍ଟିମେୟ ଅଫିସରମାନେ ।କଂଗ୍ରେସ ସରକାରର ଶେଷ ୧୦ ବର୍ଷରେ ଓଡ଼ିଶାକୁ ଅନୁଦାନ ବାବଦକୁ ୩ ଲକ୍ଷ କୋଟି ଟଙ୍କା ଦେଇଥିବା ବେଳେ ବିଗତ ୯ ବର୍ଷରେ ମୋଦି ସରକାରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରୟାସ ରେ ୧୮ ଲକ୍ଷ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଓଡିଶା ପାଇଛି । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରୟାସ ରେ ଅନୁଗୁଳ ଜିଲ୍ଲା କୁ ୬୦ ହଜାର କୋଟି ଟଙ୍କା ମିଳିପାରିଛି । ମୋଦି ସରକାର ଦେଇଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୫ ଲକ୍ଷ ୫୦ ହଜାର ଘର ରାଜ୍ୟ ସରକାରଙ୍କ ଅପାରଗତା ପାଇଁ ଫେରିଗଲା । ସାରା ରାଜ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ଏକ ପ୍ରହସନରେ ପରିଣତ କରିଛନ୍ତି ।୧୫ ଅଗଷ୍ଟ ୨୦୧୯ରେ ୭୫ ବର୍ଷ ଅମୃତ ମହୋତ୍ସବ ଅବକାଶରେ ମାନ୍ୟବର ପ୍ରଧାନମନ୍ତ୍ରୀ ‘ଜଳ ଜୀବନ ମିଶନ’ ଘୋଷଣା କରିଥିଲେ । ରାଜ୍ୟକୁ ଏ ବାବଦରେ ୧୫ ହଜାର କୋଟିରୁ ଅଧିକ ଅର୍ଥ ମିଳିସାରିଛି । କିନ୍ତୁ ଦୁର୍ଭାଗ୍ୟ ଓ ପରିତାପ ର ବିଷୟ ରାଜ୍ୟ ସରକାର ଏହି ଅର୍ଥକୁ ଲୁଟ୍ କରିବା ପାଇଁ ଷଡଯନ୍ତ୍ର କରିଛନ୍ତି । ରାଜ୍ୟ ସରକାର ବିଭିନ୍ନ ମେଗା ୱାଟର ସପ୍ଲାଏ ପ୍ରୋଜେକ୍ଟ ନିର୍ମାଣରେ ମହାଦୁର୍ନୀତି ସ୍ପଷ୍ଟ ପ୍ରମାଣିତ । କେବଳ ଅଣଓଡିଆ ଠିକାଦାରଙ୍କ ସ୍ୱାର୍ଥକୁ ପ୍ରାଥମିକତା ଦିଆଯାଇଛି । କିନ୍ତୁ ନିମ୍ନମାନର କାମ ଯୋଗୁଁ ଲୋକେ ପାଣି ପାଉନାହାଁନ୍ତି । ଅନୁଗୁଳ ଜିଲ୍ଲା ରେ ବାର୍ଷିକ ୧୦୦୦କୋଟି ଟଙ୍କା ଜିଲ୍ଲା ଖଣିଜ ପାଣ୍ଠି ମାଧ୍ୟମରେ ମୋଦି ସରକାର ଦେଉଛନ୍ତି କିନ୍ତୁ ତାହା ଜନସାଧାରଣ ଙ୍କ ବିକାଶ କାର୍ଯ୍ୟରେ ଲାଗିବା ପରିବର୍ତ୍ତେ ବିଜେଡି ର ଦଳୀୟ ପାଣ୍ଠି ସଂଗ୍ରହ ପାଇଁ ଠିକାଦାର ପୋଷଣ କାର୍ଯ୍ୟ ଚାଲିଛି ।ମନେରଗା ରେ ବ୍ୟାପକ ଦୁର୍ନୀତି,ହାତୀ ଉପଦ୍ରବ, ଟ୍ରାଫିକ ସମସ୍ୟା, ଆଇନ ଶୃଙ୍ଖଳା, ଏଭଳି ବହୁ ସମସ୍ୟା ମଧ୍ୟରେ କଣିହାଁ ବ୍ଲକ ଏକ ପ୍ରକାର ଅଣନିଶ୍ୱାସୀ ହୋଇ ପଡିଛି । ରାଜ୍ୟ ଏସ ସି ମୋର୍ଚ୍ଚା ସାଧାରଣ ସମ୍ପାଦକ ତଥା ପାଲଲହଡା ନିର୍ବାଚନ ମଣ୍ଡଳୀ ର ସଂଯୋଜକ ଚନ୍ଦନ ସ୍ୱରାଜ ଙ୍କ ସଂଯୋଜନା ରେ ଅନୁଷ୍ଠିତ ପ୍ରତିବାଦ ସଭାରେ ପାଲଲହଡା ବିଧାନସଭା ର ପ୍ରଭାରୀ ବିଜୟ ମାଝି, କଣିହାଁ ମଣ୍ଡଳ ର ସଭାପତି ଦେବେନ୍ଦ୍ର ବାରିକ ,ରେଙ୍ଗାଲି ମଣ୍ଡଳ ର ସଭାପତି ତ୍ରିପୁରାରି ପ୍ରଧାନ,ପବିତ୍ର ନଗର ମଣ୍ଡଳ ର. ସଭାପତି .ପ୍ରହ୍ଲାଦ ସାମଲ ,ଙ୍କ ସମେତ ଭାରତୀୟ ଜନତା ପାର୍ଟି ର ଶତାଧିକ କାର୍ଯ୍ୟକର୍ତ୍ତା ଓ ଶହ ଶହ ସଂଖ୍ୟାରେ ଜନ ସାଧାରଣ ଯୋଗ ଦେଇଥିଲେ ।ଶେଷରେ କଣିହାଁ ବିଡ଼ିଓ ଙ୍କୁ ଏକ ଦାବି ପତ୍ର ଦିଆ ଯାଇଥିଲା ।









# ଟି ଟାଇମ୍

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଂଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିନ୍ଥେଟିକ ଘାସ। କାର ନିର୍ମାତାମାନେ ସେହି ସିନ୍ଥେଟିକ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚାଲିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟୁଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।

# ପ୍ଲାଷ୍ଟିକ୍ ବେବି



ଏହି ବ୍ୟସ୍ତ ବହୁଳ ଜୀବନରେ ଜଣେ ସାଧାରଣ ବ୍ୟକ୍ତି ଠିକ୍ ଭାବରେ ଖାଦ୍ୟ ଖାଇବାକୁ ସମୟ ପାଉନଥିବା ବେଳେ ୮ବର୍ଷୀୟ ପିଲା ଖାଦ୍ୟ ଖାଇବା ଛାଡ଼ି ପ୍ଲାଷ୍ଟିକ୍ ଜିନିଷ ଖାଇ ଯାଉଛି । ୮ବର୍ଷର ଝିଅ ଜେସିକା ଓ୍ୱାକର, ପିକା ନାମକ ରୋଗରେ ପୀଡ଼ିତ । ଏହି ରୋଗରେ ଜେସିକା ପୌଷ୍ଟିକ ଆହାରକୁ ଛାଡ଼ି ଅନ୍ୟ ସବୁ କିଛି ଖାଇବାକୁ ଇଚ୍ଛା ହୋଇଥାଏ ଯାହା ଜଣେ ସାଧାରଣ ବ୍ୟକ୍ତି କେବେ ଖାଇନଥାଏ । ଜେସିକାର ମା’ ଲିଣ୍ଡସେ କହନ୍ତି ଯେତେବେଳେ ଜେସିକା ଛୋଟଥିଲେ ବାଲି, ମାଟି ଓ ମହମବତୀ ଖାଇଦେଉଥିଲେ । ଯଦି ପ୍ଲେଟରେ ମାଂସ ତରକାରି କିମ୍ବା ଅନ୍ୟ କୌଣସି ବ୍ୟଞ୍ଜନ ରଖାଯାଇଥାଏ ତେବେ ଜେସିକା ତାକୁ କେବେବି ଛୁଅନ୍ତି ନାହିଁ । ଝିଅର ଏଭଳି ସମସ୍ୟା ଦେଖି ତାଙ୍କ ମା’ ତାକୁ ବାଳ ସୁରକ୍ଷା ଗୃହରେ ଛାଡ଼ିଥିଲେ କିନ୍ତୁ ସେଠାରେ ମଧ୍ୟ ଏକା ପରିସ୍ଥିତି ଉପୁଜିଥିଲା । ଜେସିକା କଞ୍ଚା ପରିବା ଖାଆନ୍ତି, ଜିନିଷ ପତ୍ର ଉପରେ ଲାଗିଥିବା ର୍‍ୟାପ୍ ବା ଜରିକୁ ଖାଆନ୍ତି । ଡାକ୍ତରଙ୍କ କହିବା ଅନୁସାରେ ଜେସିକାଙ୍କର ଏହି ରୋଗ ଭିଟାମିନ୍‌ର ଅଭାବ କାରଣରୁ ହୋଇଥାଏ । ପାଞ୍ଚ ବର୍ଷ ହେବ ଜେସିକାଙ୍କର ଏହି ରୋଗ ହୋଇଥିଲେ ହେଁ ତାଙ୍କର ଚିକିତ୍ସା ଠିକ୍ ଭାବେ କରାଯାଇପାରୁନାହିଁ । ଏଥିପାଇଁ ଜେସିକାର ମା’ ବହୁତ ଚିନ୍ତିତ ଅଛନ୍ତି ।

# ଚର୍ଚ୍ଚାରେ ‘ହରାମ୍‌ଖୋର’

ନୱାଜଉଦ୍ଦିନ ସିଦ୍ଦିକି ଓ ଶ୍ୱେତା ତ୍ରିପାଠୀଙ୍କ ଅଭିନୀତ ଫିଲ୍ମ ‘ହରାମ୍‌ଖୋର’ର ଟ୍ରେଲର ରିଲିଜ କରାଯାଇଛି। ପୂର୍ବରୁ ଫିଲ୍ମକୁ ନେଇ କିଛି ସମସ୍ୟା ଦେଖାଦେଇଥିଲା। ମାତ୍ର ଫିଲ୍ମଟି ସମାଜକୁ ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରୁଥିବାରୁ ଏହାର ବ୍ୟାନକୁ ହଟାଇଦିଆଯାଇଛି। ଗୁଜୁରାଟର ଏକ ଛୋଟ ଗାଁରେ ସୁଟିଂ କରାଯାଇଛି ସମ୍ପୂର୍ଣ୍ଣ ଫିଲ୍ମ। ଶ୍ଲୋକ ଶର୍ମାଙ୍କ ନିର୍ଦ୍ଦେଶନାରେ ମାତ୍ର ୧୬ଦିନରେ ଶେଷ ହୋଇଛି ପୂରା ଫିଲ୍ମର ସୁଟିଂ। ଫିଲ୍ମର କାହାଣୀରେ ଜଣେ ୧୪ବର୍ଷର ଝିଅର ନିଜ



ପ୍ରଫେସରଙ୍କ ସହ ପ୍ରେମକାହାଣୀକୁ ଦର୍ଶାଯାଇଛି। ନିଛକ ଗାଁର ଛବି ଓ ଏହାର ସଙ୍ଗୀତ ଟ୍ରେଲରଟିକୁ ଅଧିକ ଆକର୍ଷଣୀୟ କରିଛି।

## ପୁରାଣ କାହାଣୀ

# କୁଟୁମ୍ବେଶ୍ୱର ମହାଦେବଙ୍କ ମହାତ୍ମ୍ୟ



ସଂସାର ହିତ ଲାଗି ସୋମବତୀ ଅମାବାସ୍ୟା କୁଟୁମ୍ବେଶ୍ୱର ଲିଙ୍ଗଙ୍କୁ ଦର୍ଶନ କଲେ କୁଟୁମ୍ବ ବୃଦ୍ଧି ପାଇବା ସହ ସମସ୍ତ ପାପ ଦୂର ହୋଇଥାଏ । ରବିବାର, ସୋମବାର, ଅଷ୍ଟମୀ, ଚତୁର୍ଦ୍ଦଶୀ ତଥା ସୋମବତୀ ଦିନ ଶିପ୍ରା ନଦୀରେ ସ୍ନାନ କରି କୁଟୁମ୍ବେଶ୍ୱରଙ୍କୁ ଦର୍ଶନ କଲେ ସୁଫଳ ମିଳିଥାଏ । ଏହାସହ ସ୍କନ୍ଦ ପୁରାଣରେ କୁଟୁମ୍ବେଶ୍ୱରଙ୍କ ମହାତ୍ମ୍ୟ ବର୍ଣ୍ଣନା କରାଯାଇଛି । ଏକଦା ଦେବତା ଓ ରାକ୍ଷସ ସମୁଦ୍ର ମନ୍ଥନ କରୁଥିବା ବେଳେ ବିଷ ଉତ୍ପନ୍ନ ହେଲା । ଏହାଦେଖି ରାକ୍ଷସ ଓ ଦେବତାମାନେ ବିଚଳିତ ହୋଇ ଉଠିଲେ । ସେମାନେ ଭଗବାନ ଶିବଙ୍କ ନିକଟକୁ ଯାଇ ସମସ୍ତ କଥା ପ୍ରକାଶ କରି ବିଷକୁ ଦୂର କରିବା ଲାଗି ପ୍ରାର୍ଥନା କଲେ । ମହାଦେବ ସମସ୍ତ କଥା ଶୁଣିବା ପରେ ମୟୂର ରୂପ ଧାରଣ କରି ସେହି ବିଷକୁ ପାନ କରିବା ଦ୍ୱାରା ତାଙ୍କ କଣ୍ଠ ନୀଳ ପଡିଗଲା । କିନ୍ତୁ ମହାଦେବ ଏହି ବିଷକୁ ଦୂର କରିବା ଲାଗି ଶିପ୍ରା ନଦୀକୁ ଆଦେଶ ଦେଲେଯେ ଏହି ବିଷକୁ ନେଇ ସେ ମହାକାଳ ବଣରେ ଥିବା କାମେଶ୍ୱରସ୍ଥିତ ଏକ ଲିଙ୍ଗ ଉପରେ ଚଢ଼ାଇ ଦିଅ । ମା’ ଶିପ୍ରା ନଦୀ ଉକ୍ତ ବିଷକୁ ନେଇ ଲିଙ୍ଗ ଉପରେ ଢ଼ାଳିଦେଲେ । ବିଷର ପ୍ରଭାବରେ ଯେଉଁ ପ୍ରାଣୀ ତାଙ୍କୁ ଦର୍ଶନ କରୁଥିଲେ ସେମାନେ ମୋକ୍ଷ ପ୍ରାପ୍ତ କରୁଥିଲେ । କିଛି ବ୍ରାହ୍ମଣ ତୀର୍ଥ ଯାତ୍ରା କରିବା ଲାଗି ଏହି ଲିଙ୍ଗ ନିକଟକୁ ଆସି ଦର୍ଶନ କଲେ । ଦର୍ଶନ ଫଳରେ ସମସ୍ତ ବ୍ରାହ୍ମଣ ଦେହତ୍ୟାଗ କଲେ ଏହାଦ୍ୱାରା ତାଙ୍କ କୁଟୁମ୍ବ ଲୋପ ପାଇବାକୁ ଲାଗିଲା । ଏହା ଦେଖି କିଛି ବ୍ରାହ୍ମଣ ତାଙ୍କ କୁଟୁମ୍ବକୁ ବଞ୍ଚାଇବା ଲାଗି ଭଗବାନ ଶିବଙ୍କୁ ପ୍ରାର୍ଥନା କଲେ ଉକ୍ତ ପ୍ରାର୍ଥନାକୁ ସ୍ୱୀକାର କରି ମହାଦେବ କହିଲେ ରାଜା ଲକୁଲିଶ ଏହି ଲିଙ୍ଗକୁ ଦର୍ଶନ କଲେ ବିଷର ପ୍ରଭାବ ଆପେ ଆପେ ଦୂର ହୋଇଯିବ । ଏହି ଲିଙ୍ଗକୁ କୁଟୁମ୍ବେଶ୍ୱର କୁହାଯିବ କହି ମହାଦେବ ଅନ୍ତର୍ଦ୍ଧାନ ହୋଇଗଲେ ସେବେଠାରୁ ଏହି ଲିଙ୍ଗର ନାମ କୁଟୁମ୍ବେଶ୍ୱର ରହି ଆସିଛି ।

# ୫୦୦ କୋଟି ବନାମ ୫୦୦ଟଙ୍କା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିମୁଦ୍ରାକରଣ ନୀତି ସତ୍ତ୍ୱେ ଦେଶବାସୀ ଦେଖିଥିଲେ କର୍ଣ୍ଣାଟକର ପୂର୍ବତନ ମନ୍ତ୍ରୀ ତଥା ଖଣି ମାଲିକ ଜନାର୍ଦ୍ଦନ ରେଡ୍ଡୀଙ୍କ ଝିଅ ବ୍ରାହ୍ମଣୀଙ୍କ ୫୦୦ କୋଟିର ବିବାହ। ବିବାହ କାର୍ଡ, ପୋଷାକଠାରୁ ଆରମ୍ଭ କରି ଭୋଜିଭାତରେ ଖର୍ଚ୍ଚ ହୋଇଥିଲା କୋଟି କୋଟି ଟଙ୍କା। ଏବେ କିନ୍ତୁ ଦେଶବାସୀ ଏହି ନୀତିର ଅପରପାର୍ଶ୍ୱ ଦେଖିବାକୁ ପାଇଛନ୍ତି। ସାଧାରଣ ଜନତା ଏହି ନୀତି ଦ୍ୱାରା କେତେମାତ୍ରାରେ ପ୍ରଭାବିତ ହୋଇଛନ୍ତି ତାହାର ଜ୍ୱଳନ୍ତ ଉଦାହରଣ ସାଜିଛି ସୁରଟର ଦକ୍ଷା ପରମାର୍ ଓ ଭାରତ ମାରୁଙ୍କ ମାତ୍ର ୫୦୦ ଟଙ୍କାର ବିବାହ। ସୁରଟର ଏକ ଇଲେକଟ୍ରିସିଟି କମ୍ପାନୀରେ ଟେକ୍ନିସିଆନ ଭାବେ କାର୍ଯ୍ୟ କରୁଥିବା ରାଜ୍ ପରମାର୍ ନିଜ ଝିଅ ଦକ୍ଷାଙ୍କ ବିବାହ ଠିକ୍ କରିଥିଲେ କମ୍ପ୍ୟୁଟର ଇଜିନିୟର ଭାରତ ମାରୁଙ୍କ ସହ। ଦୀପାବଳି ପୂର୍ବରୁ ଉଭୟ ପରିବାରର ମିଳାମିଶା ପରେ ବିବାହ ତାରିଖ ଦୀପାବଳି ପରେ ତଥା ନଭେମ୍ବର ୨୪କୁ ନିର୍ଦ୍ଧାରଣ କରାଯାଇଥିଲା। ଏହା ମଧ୍ୟ ସ୍ଥିର କରାଯାଇଥିଲା କି ଖୁବ୍ ଧୂମ୍‌ଧାମରେ ବିବାହ କରାଯିବ। ମାତ୍ର ୮ ତାରିଖରେ ୫୦୦ ଓ



୧୦୦୦ ଟଙ୍କିଆ ଅଚଳ ଉପରେ ଭାଷଣ ଶୁଣିବା ପରେ ଚିନ୍ତାରେ ଆସିଯାଇଥିଲେ ଉଭୟ ପରିବାର। ଜାକଜମକରେ କରିବାକୁ ଥିବା ବିବାହ ଆଶା ମଉଳି ଯାଇଥିଲା ସେମାନଙ୍କର। ନିର୍ଦ୍ଧାରିତ ତାରିଖ ପରିବର୍ତ୍ତେ ଅନ୍ୟ ତାରିଖରେ ବିବାହ କରିବା ପାଇଁ ଯୋଜନା କରିବାକୁ ଆରମ୍ଭ କରିଥିଲେ। କିନ୍ତୁ ସେହି ସମୟରେ ଦକ୍ଷା ଏକ ଉପାୟ ଚିନ୍ତା କରିଥିଲେ। ସେ ବିନା ଆଡମ୍ବରରେ ଭୋଜିରେ କେବଳ ଚା ଓ ପାଣିର ବ୍ୟବସ୍ଥା କରି ବିବାହ କରିବାର ପ୍ରସ୍ତାବ ପରିବାର ସଦସ୍ୟଙ୍କୁ ଦେଇଥିଲେ। ପ୍ରଥମେ ପରିବାର ଲୋକଙ୍କୁ ଦକ୍ଷାଙ୍କ ଏହି ପ୍ରସ୍ତାବ ଉଚିତ ଲାଗିନଥିଲା। କିନ୍ତୁ ବାରମ୍ବାର ବୁଝାଇବା ପରେ ସେମାନେ ରାଜି ହୋଇଥିଲେ। ପରେ ଉଭୟ ଦକ୍ଷା ଏବଂ ତାଙ୍କ ପରିବାର ସଦସ୍ୟ ମିଶି ଭାରତଙ୍କ ପରିବାର ଲୋକଙ୍କୁ ପ୍ରସ୍ତାବ ଦେଇଥିଲେ। ପ୍ରଥମେ ମଧ୍ୟ ଭାରତଙ୍କ ପରିବାର ଠାରୁ ଅନୁରୂପ ପ୍ରତିକ୍ରିୟା ମିଳିଥିଲା। ମାତ୍ର ପରେ ସେମାନେ ମଧ୍ୟ ରାଜି ହୋଇଯାଇଥିଲେ। କାରଣ ତାଙ୍କ ପାଇଁ ପିଲାମାନଙ୍କ ବିବାହ ଅଧିକ ଗୁରୁତ୍ୱ ରଖୁଥିଲା ସେଥିରେ ଖର୍ଚ୍ଚର ପରିମାଣ ନୁହେଁ। ଦୁଇ ପରିବାରର ସମ୍ମତିରେ ବିନା ଜାକଜମକରେ ବେଦ୍ ରୋଡ ଠାରେ ଥିବା ଏକ କମ୍ୟୁନିଟି ହଲ୍‌ରେ ଆୟୋଜିତ ହୋଇଥିଲା ବିବାହ। ସେଥିରେ କନ୍ୟାପକ୍ଷରୁ ପ୍ରାୟ ୫୦ ଜଣ ଓ ବର ପକ୍ଷରୁ ପ୍ରାୟ ୧୨୫ ରୁ ୧୫୦ ଜଣ ନିମନ୍ତ୍ରିତ ଅତିଥି ଯୋଗ ଦେଇଥିଲେ। ସମସ୍ତ ଅତିଥିଙ୍କୁ ଭୋଜିରେ ଦିଆଯାଇଥିଲା ଗୋଟିଏ ଗ୍ଲାସ ପାଣି ଓ କପେ ଚା। ଏପରି ବିବାହରେ ଅତିଥି ମାନେ ମଧ୍ୟ ପୂର୍ଣ୍ଣ ସମର୍ଥନ ଜଣାଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦକ୍ଷା ଓ ଭାରତଙ୍କ ଏହି ବିବାହକୁ ପ୍ରଶଂସା କରିଛନ୍ତି। ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ସେ କହିଛନ୍ତି ମୁଁ ଚାଏ ପେ ଚର୍ଚ୍ଚା ଆରମ୍ଭ କରିଥିଲି କିନ୍ତୁ ଏହି ଚା ଏବେ ବିବାହ ମଣ୍ଡପରେ ପହଞ୍ଚି ଗଲାଣି ଜାଣି ଖୁସି ଲାଗୁଛି।

# ଲାଭଦାୟକ ୱେବ୍‌ସାଇଟ୍

ଅନ୍‌ଲାଇନ୍ ସପିଂର ମଜା ଯିଏ କରିଛି ସିଏ ଜାଣିଛି । ଗୋଟିଏ କ୍ଲିକ୍‌ରେ ଜିନିଷ ପାଖରେ ଆସି ହାଜର ହୋଇଯାଏ । ନା ମୁଲେଇ କରିବାକୁ ପଡ଼ିଥାଏ ନା ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥାଏ । କଥାରେ କହନ୍ତି ବାପାମା’ଙ୍କୁ ଛାଡ଼ିଦେଇ ସବୁକିଛି ଇଣ୍ଟରନେଟ୍‌ରେ ଉପଲବ୍ଧ । କିନ୍ତୁ ଆଜି ଆପଣଙ୍କୁ ଆମେ ଏପରି ଏକ ୱେବ୍‌ସାଇଟ୍ ବିଷୟରେ ଜଣାଇବୁ ଯେଉଁଥିରୁ ଆପଣ ଯାହା ଚାହିଁବେ ତାହା କିଣିପାରିବେ । ଜାପାନର ଏକ ୱେବସାଇଟ୍ ନ୍ତରେଣ୍ଟେଏବାଇଫଅଟୋବା ଡଟ୍ କମ୍’ରେ ଆପଣଙ୍କୁ ଅନ୍ତଃବସ୍ତ୍ରଠାରୁ ଆରମ୍ଭ କରି ମା-ବାପା, ପତି-ପତ୍ନୀ ଏବଂ ପିଲା



ମଧ୍ୟ ଭଡ଼ାରେ ମିଳିଥାନ୍ତି । ବର୍ତ୍ତମାନ ଜାପାନରେ ଏହି ୱେବ୍‌ସାଇଟ୍ ଅନେକ ଲୋକପ୍ରିୟ ହୋଇଗଲାଣି । ଏହି ୱେବ୍‌ସାଇଟ୍‌ଟି ଗ୍ରାହକମାନଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇବା ପାଇଁ ଗ୍ରାହକମାନଙ୍କଠାରୁ ମୋଟା ପରିମାଣର ଅର୍ଥ ନେଇଥାଏ । ଜାଣିରଖନ୍ତୁ ଏହି ୱେବ୍ ସାଇଟ୍‌ରେ କ’ଣ ସବୁ ମିଳୁଛି ? ଯଦି ଆପଣ ଏକଲା ଅଛନ୍ତି ତେବେ ଏହି ୱେବ୍‌ସାଇଟ୍‌ଟି ଆପଣଙ୍କ ଏକୁଟିଆପଣ ଦୂର କରିବା ପାଇଁ ଗ୍ରାହକଙ୍କ ଇଚ୍ଛା ମୁତାବକ ପୁରୁଷ କିମ୍ବା ସ୍ତ୍ରୀ ବନ୍ଧୁ ମଧ୍ୟ ଉପଲବ୍ଧ କରେଇଥାଏ । ଏଠାରେ ଆପଣଙ୍କୁ ଭଲ ପାଉଥିବା ମାତା-ପିତା ମଧ୍ୟ ମିଳିଥାନ୍ତି । ଏହା ବ୍ୟତୀତ ଏହା ଏପରି ଏକମାତ୍ର ୱେବ୍‌ସାଇଟ୍ ଯାହା ଅନ୍ତଃବସ୍ତ୍ରକୁ ଭଡ଼ାରେ ଦେଇଥାଏ । ଯଦି ଆପଣ ଆପଣଙ୍କର ବୋରିଂନେସ୍‌କୁ ଦୂର କରିବାକୁ ଚାହୁଁଛନ୍ତି ତେବେ ଆବଶ୍ୟକ ହେଲେ ଏକ ଛୋଟ ସୁନ୍ଦର ଶିଶୁ ସହିତ ମଧ ସମୟ ଅତିବାହିତ କରିପାରିବେ । ଯଦି ଆପଣଙ୍କ ପାଖରେ ସମୟ ନାହିଁ କିମ୍ବା ଆପଣ ପିଲାଙ୍କ ସ୍କୁଲ ଘରପାଠ କରିବାରେ ସାହାଯ୍ୟ କରି ପାରୁନାହାନ୍ତି ତେବେ ଏହି ୱେବ୍‌ସାଇଟଟି ଆପଣଙ୍କ ପାଇଁ ଏପରି ଏକ ବ୍ୟକ୍ତି ଠିକ୍ କରିଦେବେ ଯିଏ ଆପଣଙ୍କ ପିଲାର ଘରପାଠ କରିବାରେ ମଧ ସାହାଯ୍ୟ କରିବ ।

## ଆଜିର ଭାଗ୍ୟ

**ମେଷ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

**ବୃଷ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**ମିଥୁନ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**କର୍କଟ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ସିଂହ** – ଇଚ୍ଛା ନଥିଲେ ମଧ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**କନ୍ୟା** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ତୁଳା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ବିଛା** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**ଧନୁ** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ମକର** – ଯେତେ ତ୍ୟାଗ ସ୍ୱିକାର କଲେ ମଧ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**କୁମ୍ଭ** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**ମୀନ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

# ମୃତ୍ୟୁକୁ ନେଇ ଆତଙ୍କ



ଭୟଙ୍କର ଗାଁ ନାମ ଶୁଣିବା କ୍ଷଣି ମନରେ ଅନେକ ପ୍ରଶ୍ନ ଉଙ୍କି ମାରେ। କ’ଣ ପାଇଁ ଗାଁର ଏପରି ବିଚିତ୍ର ନାମ ରହିଛି ? ଏହା ପଛରେ ରହସ୍ୟ କ’ଣ ଜାଣିବାକୁ ମଧ ଜିଜ୍ଞାସା ଯାତ ହୋଇଥାଏ। ପଙ୍ଗାପୁରର ବଡଗାଁ ଭୟଙ୍କର ଗ୍ରାମ ଭାବେ ପ୍ରସିଦ୍ଧ। ଏହି ଗ୍ରାମରେ ଆଜିକୁ ୨୨ ବର୍ଷ ତଳେ ଜଣେ ବ୍ୟକ୍ତିର ମୃତୁ ଘଟିଥିଲା। ବାଶ୍ ତା’ ପରେ ବିଗତ ୨୨ ବର୍ଷର ଠାରୁ ପ୍ରତି ଦଶ ଦିନ ଅନ୍ତରରେ ପ୍ରତ୍ୟେକଙ୍କ ଘରୁ ଜଣେ ଲେଖାଏଁ ସଦସ୍ୟଙ୍କର ମୃତ୍ୟୁ ହେବାରେ ଲାଗିଛି। ଗ୍ରାମବାସୀମାନେ କେବଳ ଚିନ୍ତାରେ ରହିଥାନ୍ତି ଯେ, କାହାର ମୃତ୍ୟୁ ଘଟିଲା ଏବଂ ଏବେ ଆଉ କାହାର ପାଳି ପଡିବ। ଏହାକୁ ଗ୍ରାମବାସୀଙ୍କ ଦୁର୍ଭାଗ୍ୟ କୁହାଯିବ ନା ଅନ୍ଧବିଶ୍ୱାସ ନା ଆଉ କିଛି ? ବରିଷ୍ଠ ବ୍ୟକ୍ତି, ଡାକ୍ତର ଓ ଶିକ୍ଷକ ଏସବୁ ବିଶ୍ୱାସ କରିବାକୁ ବାଧ । କିଛି ରୋଗ ନଥାଇ ଆଖି ସାମନାରେ ଭଲ ଲୋକଙ୍କର ଏଠାରେ ମୃତ୍ୟୁ ହେବାରେ ଲାଗିଛି ।



# କୃଷି ଦୁନିଆ

# ସ୍ୱାବଲମ୍ବୀ ହେବାର ପ୍ରକୃଷ୍ଟ ମାଧ୍ୟମ : ପାଳଛତୁ ଚାଷ

ବର୍ତ୍ତମାନ ସମୟରେ ଯୁବସମାଜ ନିଯୁକ୍ତି ପାଇଁ ବାରଦୁଆର ଶୁଣ୍ଠିପିଣ୍ଡା ହେଉଛନ୍ତି। ବାହାର ରାଜ୍ୟରେ ଦାଦନ ଖଟୁଛନ୍ତି। କିନ୍ତୁ ଏବେ ସମୟ ଆସିଛି ପରିବର୍ତ୍ତନର। ଦିନଥିଲା କୃଷି ହିଁ ସାମାଜିକ ଜନଜୀବନର ପ୍ରମୁଖ ଆଧାର ଥିଲା। କୃଷିକୁ ଆଧାର କରି ଲୋକେ ପରିବାର ପ୍ରତିପୋଷଣ କରୁଥିଲେ। ଆଜି ଆଉ



ପ୍ରସ୍ତୁତି- **ଡ଼ି ଶୁଭମ୍**
ସଂଯୋଜକ, କୃଷି ଦୁନିଆ

ଚାଷବାସ ପ୍ରତି ସେପରି ଶ୍ରଦ୍ଧା ନାହିଁ। ନା ଅଛି ଆନ୍ତରିକତା ନା ଅଛି ମନୋବଳ। କେହି ବି ଆଉ କ୍ଷେତକୁ ପଶିବାକୁ ଇଚ୍ଛା ପ୍ରକାଶ କରୁନାହାନ୍ତି। ଚାଷ ନାଁ ଶୁଣିଲେ ନାକ ଟେକୁଛନ୍ତି। ପରନ୍ତୁ ଏପରି କିଛି ଚାଷ ଅଛି ଯାହାକୁ ଆପଣେଇପାରିଲେ କର୍ମନିଯୁକ୍ତି ମିଳିବା ସହ ଆତ୍ମନିର୍ଭରଶୀଳ ମଧ୍ୟ ହୋଇପାରିବେ। ସ୍ୱାବଲମ୍ବୀ ହେବାର ପ୍ରକୃଷ୍ଟ ମାଧ୍ୟମ ପାଳଛତୁ ଚାଷ। ସବୁଆଡ଼େ ଏବେ ଛତୁର ଢ଼େର ଚାହିଦା। ବଜାରରେ ବି ଛତୁର ସ୍ଥାନ ସ୍ୱତନ୍ତ୍ର। ଏପରି ସ୍ଥିତିରେ ଛତୁଚାଷ ଲାଭବାନ ହେବାର ଏକ ବିକଳ୍ପ କହିଲେ ଭୁଲ ହେବନାହିଁ। ଯୁବଗୋଷ୍ଠୀ ହୁଅନ୍ତୁ କି ନାରୀ , ଯିଏ କେହି ବି ଚାହିଁଲେ ଏହାକୁ ଚାଷ କରି ରୋଜଗାରକ୍ଷମ ହୋଇପାରିବେ। ତେବେ ଏଥର ପାଳଛତୁ ଚାଷର ବିସ୍ତୃତ ପ୍ରଣାଳୀକୁ ନେଇ ସ୍ୱତନ୍ତ୍ର ପ୍ରତିବେଦନ.....

**ଛତୁ ଚାଷ କଣ ପାଇଁ -**

ଓଡ଼ିଶାରେ ବିଭିନ୍ନ ଋତୁରେ ବିଭିନ୍ନ ପନିପରିବା , ଫୁଲ , ଫଳ ଇତ୍ୟାଦି ଚାଷ କରାଯାଇଥାଏ। ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ ଭାବେ ଶସ୍ୟ ଜାତୀୟ ଫସଲ ଉତ୍ପାଦନରେ ବେଶ ଆଗରେ ଅଛି। କିନ୍ତୁ ଛତୁ ଚାଷ ଏପରି ଏକ ମାଧ୍ୟମ ଯାହା ଦ୍ୱାରା ବେକାର ଯୁବକ ଯୁବତୀ ମାନେ ସହଜରେ ରୋଜଗାର କରିପାରିବେ। ନିଜ ଗୋଡ଼ରେ ନିଜେ



ଠିଆ ହେବାର ଏକ ସଫଳ ପ୍ରଚେଷ୍ଟା ଏହି ଚାଷ। ଏହାକୁ ଜଣେ କମ ସମୟ ମଧ୍ୟରେ ନିଜ ଘରେ ମଧ୍ୟ ଚାଷ କରିପାରିବ। ଆବଶ୍ୟକୀୟ ପଦ୍ଧତିକୁ ସୂଚାରୁ ରୂପେ ସମ୍ପାଦନ କରିପାରିଲେ କମ ସମୟରେ ଅମଳ କରି ଲାଭବାନ ବି ହୋଇପାରିବ। ବର୍ତ୍ତମାନ ଅନେକ ଯୁବଗୋଷ୍ଠୀ ଏହାକୁ ଆପଣେଇ ନିଜ ଘରେ ଚାଷକରି ବେଶ ପଇସା କମାଉଛନ୍ତି। ସୁତାରଂ, ଏହା ଏକ ସଫଳ ଚାଷ ଭାବେ ପରିଗଣିତ ହୋଇଛି।

**ତାପମାତ୍ରା ନିୟନ୍ତ୍ରଣ -**

ସାଧାରଣତଃ ୨୫-୨୫ ଡ଼ିଗ୍ରୀ ସେଲସିୟସ ତାପମାତ୍ରା ପାଳଛତୁ ଚାଷ ପାଇଁ ସର୍ବୋତ୍କୃଷ୍ଟ ହୋଇଥାଏ। ଓଡ଼ିଶାରେ ମାର୍ଚ୍ଚ ଠାରୁ ଆରମ୍ଭ କରି ନଭେମ୍ବର ଯାଏଁ ଏହାକୁ ଚାଷ କରାଯାଇପାରେ। ପାଳଛତୁ ଚାଷରେ ତାପମାତ୍ରା ନିୟନ୍ତ୍ରଣ ଏକ ପ୍ରମୁଖ ବ୍ୟବସ୍ଥା। କାରଣ ତାପମାତ୍ରାରେ ଅସାମଂଜସ୍ୟ ଦେଖାଗଲେ ଅମଳରେ ଅସୁବିଧା ଦେଖାଯାଏ। ୩୦ ରୁ ୩୫ ଡ଼ିଗ୍ରୀ ତାପମାତ୍ରା ଅମଳ ପାଇଁ ଉପଯୋଗୀ ହୋଇଥାଏ। ଖରାଦିନ ମାନଙ୍କରେ ଯଦି ତାପମାତ୍ରା ଅଧିକ ହୋଇଯାଏ ତାହେଲେ ଚାଷ କରାଯାଉଥିବା ସ୍ଥାନ ମାନଙ୍କରେ କାନ୍ଥରେ ଓଦା ଅଖା ଟାଣି ତାପମାତ୍ରା ନିୟନ୍ତ୍ରଣ କରାଯାଏ। ସକାଳ ଠାରୁ ସଂଧ୍ୟା ଯାଏଁ ଛତୁ ବେଡ଼ ଉପରୁ ପଲିଥିନ କାଢ଼ି ଦେବା ଆବଶ୍ୟକ। ପାଳଛତୁ ଅନ୍ୟ ଛତୁଚାଷ ଅପେକ୍ଷା ଅଧିକ ଆଲୋକ ଆବଶ୍ୟକ କରିଥାଏ। ତେଣୁ କାନ୍ଥ ବିହୀନ ଘରେ ଚାଷ କଲେ ଏହା ଭଲ ଫଳ ଦେଇଥାଏ। କାରଣ ଏହି ସ୍ଥାନରେ ଆବଶ୍ୟକ ମାତ୍ରାରେ ଆଲୋକ ମିଳିପାରେ। କାନ୍ଥ ଥିବା ଘରେ ଚାଷ କଲେ ସେଥିରେ ଝରକା ରହିବା ଦରକାର। କାରଣ ବିନା ଝରକାରେ ସୂର୍ଯ୍ୟାଲୋକ ସିଧାସଳଖ ଛତୁ ବେଡ଼ ଉପରେ ପଡ଼ିଥାଏ। ତେଣୁ ନଡ଼ା ଶୁଖିଯିବାର ସମ୍ଭାବନା ଥାଏ। ଏବେ ତ ଉତ୍ତାପ ବା ଆଲୋକ ନିୟନ୍ତ୍ରଣ ପାଇଁ ଅନେକ ବ୍ୟବସ୍ଥା ଉପଲବ୍ଧ ହେଲାଣି। ପାଳଛତୁ ଚାଷ ପାଇଁ ୮୫-୯୫ ପ୍ରତିଶତ ଆର୍ଦ୍ରତା ରହିବା ଆବଶ୍ୟକ। ଖରା ଦିନେ ଆର୍ଦ୍ରତା କମିଗଲେ ଚଟାଣରେ ପାଣିଢ଼ାଳି ଏହାକୁ ରକ୍ଷା କରାଯାଇପାରିବ। ଏତଦବ୍ୟତୀତ ପାଳଛତୁର ବୃଦ୍ଧି ଓ ଫୁଟିବା ସମୟରେ ଅମ୍ଳଜାନ ଆବଶ୍ୟକ ହୋଇଥାଏ। ତେଣୁ ବନ୍ଦ କୋଠରୀରେ ଏହାକୁ କରିବା ଅନୁଚିତ।

**ଆବଶ୍ୟକୀୟ ଉପାଦାନ -**

ନଡ଼ା - ପାଳଛତୁ ଚାଷରେ ନଡ଼ା ୧୫-୨୦ ବିଡ଼ା ଆବଶ୍ୟକ। ଧାନ ନଡ଼ା ନମିଳିଲେ ମାଣ୍ଡିଆ ବା ଆଖୁଛେଦା ବି ବ୍ୟବହାର କରାଯାଇପାରିବ।



**ଛତୁ ବିହନ** - ୩୫୦-୪୦୦ଗ୍ରାମର ଉଚ୍ଚ ବିହନ ପାଳଛତୁ ଚାଷ ପାଇଁ ଆବଶ୍ୟକ ହୋଇଥାଏ।

**ବେସନ ବା ଡ଼ାଲିଗୁଣ୍ଡ -** ଗୋଟିଏ ବେଡ଼ ଛତୁ ପାଇଁ ୨୦୦-୨୫୦ଗ୍ରାମ ଡ଼ାଲିଗୁଣ୍ଡ ଆବଶ୍ୟକ ହୁଏ। ଏହାକୁ ଛତୁର ଖାଦ୍ୟ ବୋଲି ବିବେଚନା କରାଯାଏ।

**ପଲିଥିନ -** ଛତୁ ବେଡ଼କୁ ଚାରିପଟୁ ଘୋଡ଼ାଇବା ପାଇଁ ପଲିଥିନ ଦରକାର। ୨ ଫୁଟ ଲମ୍ବ,ପସ୍ଥ ଓ ଉଚ୍ଚତାର ବେଡ଼ ପାଇଁ ୬ ଫୁଟ ଲମ୍ବ ଓ ପ୍ରସ୍ଥ ପଲିଥିନ ଆବଶ୍ୟକ ହୋଇଥାଏ।

**ଚାଷ ପ୍ରଣାଳୀ -**

ନଡ଼ା ବିଶୋଧନ- ପ୍ରଥମେ ନଡ଼ାର ଦୁଇ ପଟକୁ କାଟି ୨ଫୁଟ ଲମ୍ବର ନଡ଼ା ପ୍ରସ୍ତୁତ କରନ୍ତୁ। ପରେ ଏହାକୁ ୧୨-୨୪ ଘଣ୍ଟା ଯାଏଁ ପରିଷ୍କାର ପାଣିରେ ବତୁରାଇ ରଖନ୍ତୁ। ଏହାକୁ ବତୁରାଇବା ପୂର୍ବରୁ ପାଣି ମଧ୍ୟରେ ଚୂନ ପକାନ୍ତୁ । କାରଣ ଏହା ଦ୍ୱାରା ମାଇସେଲିୟମ ଭଲ ଭାବରେ ବଢ଼ିଥାଏ। ୧ ଲିଟର ପାଣିରେ ୨୦ଗ୍ରାମ ଚୂନ ମିଶାଇ ସେଥିରେ ବତୁରାଇବା ଦରକାର। ଏହା ପରେ ଗରମ ପାଣିରେ (ଉଷୁମ) ୧୫-୨୦ ମିନିଟ ବୁଡ଼ାଇ ଏହାକୁ ସେଥିରୁ କାଢ଼ି ଏକ ଉଚ୍ଚା ଜାଗା କିମ୍ବା କୌଣସି ଏକ ସ୍ଥାନରେ ଢ଼େରଣା ଦେଇ ରଖାଯାଏ। ଯେପରିକି ନଡ଼ାରୁ ସମ୍ପୂର୍ଣ୍ଣ ଭାବେ ପାଣି ଗଡ଼ିଯାଇଥିବ। ନଡ଼ାରୁ ପୁରା ପାଣି ନିଗିଡ଼ା ଗଲା ପରେ ଏହାକୁ ଚାରି ଭାଗ କରାଯାଏ।

**ଭାଡ଼ି ପ୍ରସ୍ତୁତି -** ଭାଡ଼ିର ଚାରିପଟେ ୪ ଗୋଟି ଇଟା ଦେଇ ୨ଫୁଟ ଲମ୍ବ , ୨ ଫୁଟ ଓସାରର ବାଉଁଶ ବା କାଠରେ ଭାଡ଼ି କରାଯାଏ। ଭାଡ଼ିଠୁ ମାଟି ୬-୧୨ ଇଂଚ ଉଚ୍ଚାରେ ରହିବା ଆବଶ୍ୟକ। ନହେଲେ ପିମ୍ପୁଡ଼ି , ମୂଷାର ଭାଡ଼ିକୁ ଆକ୍ରମଣ କରିବାର ଭୟ ଥାଏ।

**ମଂଜି -** ବୋତଲରେ ଥିବା ଛତୁ ବିହନକୁ ଭାଙ୍ଗି ବାହର କରାଯାଏ। ମଂଜି ଗୁଡ଼ିକୁ ଛୋଟ ଛୋଟ ଖଣ୍ଡରେ ବିଭକ୍ତ କରି ଏହାକୁ ଚାରି ଭାଗ କରାଯାଏ।

**ବେଡ଼ ପ୍ରସ୍ତୁତି -** ପ୍ରସ୍ତୁତ କରାଯାଇଥିବା ଭାଡ଼ି ଉପରେ ପୂର୍ବ -ପଶ୍ଚିମ କରି ଏକ ଭାଗ ନଡ଼ା ବିଛାଇ ଦିଆଯାଏ। ଏପରି କଲେ ନଡ଼ା ଭୁସୁଡ଼ିବ ନାହିଁ। ନଡ଼ା ଉପରୁ ୫-୭ ସେମି ଛାଡ଼ି ଗୋଟିଏ ଭାଗଛତୁ ବିହନକୁ ଗୋଟି ଗୋଟି କରି ରଖାଯାଏ। ଏକ ଭାଗ ଡ଼ାଲି ଗୁଣ୍ଡକୁ ଏହି ମଂଜି ଉପରେ ସମାନ ଭାବରେ ରଖାଯାଏ। ଏହା ଛତୁ ଭାଡ଼ିର ପ୍ରଥମ ସ୍ତର। ଏହା ପରେ ପ୍ରଥମ ସ୍ତର ଉପରେ ଉତ୍ତର -ଦକ୍ଷିଣ କରି ଆଉ ଏକ ଭାଗ ନଡ଼ା ରଖାଯାଏ। ଏବଂ ପୁଣି ପ୍ରଥମ ସ୍ତର ପରି ଆଉ ଏକ ଭାଗ ମଂଜି ଓ ନାଲି ଗୁଣ୍ଡକୁ ପ୍ରୟୋଗ କରାଯାଏ। ଦ୍ୱିତୀୟ ସ୍ତର ଉପରେ ପୂର୍ବ ପଶ୍ଚିମ କରି ଆଉ ଏକ ଭାଗ ନଡ଼ା ରଖାଯାଏ। ଏହା ପରେ ବାକି ଥିବା ୨ ଭାଗ ବିହନ ଓ ନାଲି ଗୁଣ୍ଡକ ପ୍ରୟୋଗ କରାଯାଏ। ଏହା ଛତୁ ବେଡ୍‌ର ତୃତୀୟ ସ୍ତର। ତୃତୀୟ ସ୍ତର ଉପରେ ଉତ୍ତର - ଦକ୍ଷିଣ ଦିଗରେ ପୁଣି ଏକ ଭାଗ ନଡ଼ା ବିଛାଇଦିଆଯାଏ। ଏପରି ଭାବେ ଚାରୋଟି ସ୍ତରକୁ ନେଇ ଗୋଟିଏ ବେଡ଼ ପ୍ରସ୍ତୁତ ହୋଇଥାଏ। ଏହା ପରେ ବେଡ଼କୁ ପଲିଥିନ ଦ୍ୱାରା ଘୋଡ଼ାଇ ଦିଆଯାଏ। ବେଡ଼ ପକାଇବାର ୪-୫ ଦିନ ପରେ - ପଲିଥିନ ଟେକି ବେଡ଼ର ବତରସ୍ତରକୁ ଅନୁଧ୍ୟାନ କରି ବତର କମ୍ ଥିଲେ ପାଣି ସ୍ପ୍ରେ କରିପାରିବେ। ୭-୧୦ ଦିନ ବେଳକୁ ଛତୁ ନଡ଼ା ଉପରେ ସମ୍ପୂର୍ଣ୍ଣ ମାଡ଼ିଗଲେ ପଲିଥିନକୁ ବାହାର କରିଦିଆଯାଏ।

**ଅମଳ ପ୍ରକ୍ରିୟା -** ବେଡ଼ ପକାଇବାର ୯-୧୦ ଦିନରେ ପ୍ରଥମ କଢ଼ ଦେଖାଦିଏ। ଏବଂ ଏହାର ୩-୪ ଦିନ ପରେ କଢ଼ ତୋଳାଯାଏ। କଢ଼ ଛତୁର ଚାହିଦା ବଜାରରେ ଅନେକ ଥାଏ। ତୋଳିବାର ଯଥାଶୀଘ୍ର ଏହାକୁ ବିକ୍ରି ପାଇଁ ନେବା ଆବଶ୍ୟକ। ନହେଲେ ଏହାର ଓଜନ କମିଯାଏ। ଗୋଟିଏ ଭାଡ଼ିରୁ ୨-୩ ଦିନ ଯାଏଁ ଅମଳ ମିଳିଥାଏ। ପ୍ରଥମ ପର୍ଯ୍ୟାୟର ୭-୮ ଦିନ ପରେ ପୁଣି ଫୁଟିଥାଏ। ଗୋଟିଏ ବେଡ଼ରୁ ୧-୧.୫ କିଗ୍ରା ଛତୁ ମିଳିପାରେ ।

## ସଫଳ ଛତୁ ଚାଷୀ - ଦେବୀ ପ୍ରସାଦ ପତି



କଟକ ଜିଲ୍ଲାର ବୟାଳିଶ ମୌଜା ଅଂଚଳର ଶ୍ରୀଯୁକ୍ତ ଦେବୀ ପ୍ରସାଦ ପତି। ଯୁବାବସ୍ଥାରୁ ଚାଷ ପ୍ରତି ଅହେତୁକ ନିଶା ରଖିଥିବା ଶ୍ରୀ ପତି ଜଣେ ସମାଜସେବୀ ହେଲେ ବି କୃଷି ପାଇଁ ତାଙ୍କ ମନ ସଦା ଆବେଗପୂର୍ଣ୍ଣ। ବର୍ତ୍ତମାନ ନିଜ ଗାଁରେ ଚାଷୀମାନଙ୍କୁ ଜୈବିକ କୃଷିର ତାଲିମ ଦେବା ସହ ଛତୁ ଚାଷ ଉପରେ ବି ପ୍ରଶିକ୍ଷଣ ଦେଉଛନ୍ତି। ନିଜେ ଘରେ ଛତୁ ଚାଷ କରି ବେଶ ଲାଭବାନ ହୋଇପାରିଛନ୍ତି ସେ। ତାଙ୍କ କହିବା ଅନୁସାରେ ଛତୁ ଚାଷ ପାଇଁ ପରିଶ୍ରମ କମ ହେବା ସହ ଟଙ୍କା ମଧ୍ୟ ଅଳ୍ପ ଖର୍ଚ୍ଚ ହୋଇଥାଏ। ଜଣେ ଯଦି ଠିକ ଭାବେ ସମୟ ଦେଇ ଏହାକୁ ପରିଚାଳନା କରିପାରିଲା , ତେବେ ନିଶ୍ଚୟ ଲାଭାନ୍ୱିତ ହୋଇପାରିବ । ସେ ନିଜେ ଛତୁ ଚାଷ କରି ପାଖ ବଜାରକୁ ପଠାଇବା ସହ ଏବେ ନିଜ ଗାଁ ପାଇଁ ପାଲଟିଯାଇଛନ୍ତି ରୋଲ ମଡ଼େଲ। ଜଣେ ସଫଳ ଛତୁ ଚାଷୀ ଭାବେ ଆଜି କଟକ ଜିଲ୍ଲାରେ ତାଙ୍କର ବେଶ ପରିଚୟ ମଧ୍ୟ ରହିଛି। ଆଗକୁ ଯୁବକ ମାନେ ଏହି ଛତୁକୁ ଆପଣେଇଲେ କର୍ମ ନିଯୁକ୍ତି ପାଇପାରିବେ ବୋଲି ଶ୍ରୀ ପତି ନିଜ ପ୍ରତିକ୍ରିୟାରେ କହିଛନ୍ତି। ଛତୁ ଚାଷ ଏକ କଷ୍ଟଦାୟକ ଚାଷ ନୁହେଁ , ବରଂ ଏହା ଦ୍ୱାରା ଆତ୍ମସନ୍ତୋଷ ମିଳିଥାଏ । ତେଣୁ ଛତୁ ଚାଷ କରି ନିଜକୁ ବି ରୋଜଗାରକ୍ଷମ କରନ୍ତୁ ଆଉ ଲାଭବାନ ବି ହୁଅନ୍ତୁ।



# ଯୁବ ଉଦ୍ୟୋଗର ନୂଆ ସମ୍ଭାବନା : ମିଶ୍ରିତ ମାଛଚାଷ

ମାଛଚାଷ ରେ କେବଳ ଥରେ ମାଛ ଯାଆଁଳ ପୋଖରୀ ବା ଗାଡ଼ିଆରେ ଛାଡ଼ି ଦେଇ ବର୍ଷ ? ଛଅ ମାସ ବ୍ୟବଧାନରେ ସେଥିରୁ ଆମଦାନୀ କରିବାକୁ ମାଛଚାଷ କୁହାଯାଏ ନାହିଁ । ଏହା ଅନ୍ଧାରରେ ବାଡ଼ି ବୁଲେଇବା ସହ ସମାନ । ଲାଭଜନକ ଭାବରେ ମାଛଚାଷ କରିବାକୁ ହେଲେ ଆପଣଙ୍କୁ ନୂଆ ନୂଆ ଧରଣର ମାଛଚାଷର ପଦ୍ଧତିକୁ ଅନୁସରଣ କରିବାକୁ ପଡ଼ିଥାଏ, ଯଥା : ବ୍ୟବହାରିକ ମାଛଚାଷ, ସଘନ ପ୍ରଣାଳୀରେ ମାଛଚାଷ ଅଥବା ମିଶ୍ରିତ ମାଛଚାଷ ଇତ୍ୟାଦି । ଉପରୋକ୍ତ ଚାଷ ପ୍ରଣାଳୀ ମଧ୍ୟରୁ ମିଶ୍ରିତ ମାଛଚାଷ ପ୍ରଣାଳୀ ଆଜି ଆମ ଦେଶରେ ବହୁତ ଭାବରେ କରାଯାଉଛି, ଏହାର କାରଣ ଆପଣ ଯଦି ମିଶ୍ରିତ ମାଛଚାଷ କରନ୍ତି ତେବେ ମାଛ ସଙ୍ଗେ ସଙ୍ଗେ ସେହି ସ୍ଥାନରୁ ଆପଣ ଏକାଧାରରେ ମାଛ, ମାଂସ, ଅଣ୍ଡା, ଦୁଗ୍ଧ, ପନିପରିବା, ଫଳ ଇତ୍ୟାଦି ପାଇପାରିବେ ।

ତେଣୁ ଆସନ୍ତୁ ବର୍ତ୍ତମାନ ମିଶ୍ରିତ ମାଛର ପ୍ରଣାଳୀ ବିଷୟରେ କିଛି ଅଧିକ ଜାଣିବା । ମିଶ୍ରିତ ମାଛଚାଷରେ ଧାନ ଏବଂ ମାଛ, କୁକୁଡ଼ା ଏବଂ ମାଛ, ଗାଇ ଏବଂ ମାଛି, ବତକ ଏବଂ ମାଛଚାଷ ଏକା ସାଙ୍ଗରେ କରାଯାଇଥାଏ ।ଆପଣଙ୍କ ପୋଖରୀ ଚାରିପଟେ ଥିବା ବନ୍ଧରେ ସାଧାରଣତଃ ଆପଣ ଘାସ ଲଗାଇଥାନ୍ତି କାରଣ ବନ୍ଧ ଯଦି ଘାସ ଦ୍ୱାରା ଆବୃତ ହୋଇ ନଥାଏ ତେବେ ବନ୍ଧରୁ ମାଟି ଅତଡ଼ା ଖସିବା ସଙ୍ଗେ ସଙ୍ଗେ ମୃତ୍ତିକା କ୍ଷୟ ହୋଇଥାଏ । କିନ୍ତୁ ଏହି ଘାସ ଆପଣଙ୍କର କୌଣସି ଦରକାରୀ କାମରେ ଆସେ ନାହିଁ, ଯଦି ଆପଣ କିଛି ଗାଇ ରଖନ୍ତି ତେବେ ଗାଇ ଘାସ ଖାଇବେ ଏବଂ ଗାଇର ଗୋବରକୁ ଆପଣ ପୋଖରୀରେ ଖତ ଭାବରେ ବ୍ୟବହାର କରିପାରିବେ । ଯଦି ପୋଖରୀ ବନ୍ଧରେ ଆପଣ ନଡ଼ିଆ, କାଜୁବାଦାମ, ଗୁଆ, ଅନ୍ୟାନ୍ୟ ପନିପରିବା ଲଗାନ୍ତି ତେବେ ଏକ ସଙ୍ଗରେ ଆପଣ ପୋଖରୀରୁ ପାଣି ଦେଇ ଗଛମାନଙ୍କୁ ବଢ଼ାଇପାରିବା ସଙ୍ଗେ ସଙ୍ଗେ ଏହାର ଫଳ ଇତ୍ୟାଦି ବିକ୍ରୀ କରି ଆପଣ ମାଛଛଡ଼ା ଆଉ ଦୁଇ ପଇସା ଅଧୁକ ରୋଜଗାର କରିପାରିବେ । ମାଛଚାଷ ହେଉଥିବା ପୋଖରୀରେ



ଜଳ, ଗେଣ୍ଡା, ଶାମୁକା ଇତ୍ୟାଦି ରୁହନ୍ତି, ଆପଣ ଯଦି କିଛି କୁକୁଡ଼ା ବା ବତକ ରଖୁବେ ତେବେ ବତକମାନେ ପୋଖରୀ ପାଣିକୁ ସଫା ରଖିବା ସଙ୍ଗେ ସଙ୍ଗେ ସେମାନେ ପୋଖରୀରେ ମଳତ୍ୟାଗ କରନ୍ତି ଯାହା କି ସାର ରୂପରେ ବ୍ୟବହାର ହୋଇଥାଏ । ସାର ପକାଇବା ପାଇଁ ଆପଣଙ୍କୁ ଅଧିକ ପରିଶ୍ରମ ବା ପାରିଶ୍ରମିକ ଦେବାକୁ ହୋଇ ନଥାଏ ଏବଂ ତତ୍ ସଙ୍ଗେ ସଙ୍ଗେ ଏମାନଙ୍କର ଅଣ୍ଡା ବା ମାଂସ ଆପଣ ବିକ୍ରୟ କରିପାରିବେ । ଯଦି କୁକୁଡ଼ା ରଖନ୍ତି ତେବେ କୁକୁଡ଼ାମାନଙ୍କୁ ପୋଖରୀରେ ବଢୁଥିବା ଗେଣ୍ଡା, ଶାମୁକା ଇତ୍ୟାଦି ଖାଇବାକୁ ଦିଅନ୍ତୁ । କୁକୁଡ଼ାର ମଳ ମଧ୍ୟ ଆପଣ ପୋଖରୀରେ ବ୍ୟବହାର କରି ଲାଭବାନ୍ ହେବେ । ତେଣୁ ମିଳିତ ମାଛଚାଷରେ ପଶୁଧନ ପାଳନରୁ ସୃଷ୍ଟି ହେଉଥିବା ବର୍ଜ୍ୟବସ୍ତୁ ଯଥା – ଗୋବର, ଛେଳିଲଣ୍ଡି, କୁକୁଡ଼ା ଖତ ପ୍ରଭୃତି ମାଛଚାଷ ପାଇଁ ଜୈବିକ ସାର ରୂପେ ବ୍ୟବହାର ହୋଇ ପାରିବା ସଙ୍ଗେ ସଙ୍ଗେ ପୋଖରୀର ଜଳ ଓ ଜୈବିକ ଗୁଣ ସାରଯୁକ୍ତ ପଙ୍କକୁ ବିଭିନ୍ନ ଫସଲ ପାଇଁ ବିନିଯୋଗ କରାଯାଇପାରେ । ଏହାଦ୍ୱାରା ଆବର୍ଜନା ପୁନଃଚକ୍ରୀକରଣ ହୋଇ ଏକ ସୁସ୍ଥ ପରିବେଶ ସୃଷ୍ଟି ହେବା ସଙ୍ଗେ ସଙ୍ଗେ ଏକକ ଆୟତନ ବିଶିଷ୍ଟ ଜମିରୁ ଅଧୁକ ଅମଳ ମିଳିପାରିଥାଏ ।

**ଧାନ କ୍ଷେତରେ ମାଛ ଚାଷ**

ଭାରତ ବର୍ଷରେ ପ୍ରାୟ ୩.୧ ନିୟୁତ ହେକ୍ଟର ପରିମିତ ଉପକୂଳବର୍ତ୍ତୀ ଲୁଣି ଜମି ଅଛି ବୋଲି ଅଟକଳ କରାଯାଇଛି, ଯାହାକି ଉପକୂଳଠାରୁ ପ୍ରାୟ ୫୦ କିଲୋମିଟର ସ୍ଥଳଭାଗ ଭିତରକୁ ବିସ୍ତାର ଲାଭ କରିଅଛି । ଲୁଣି ଜୁଆର ପାଣି ସ୍ଥଳ ଭାଗରେ ଜମି ରହିବା ଏବଂ ତତ୍ ସହିତ ନଦୀ ମୁହାଣ, କେନାଲ ଓ ନଦୀ ଭିତରକୁ ସର୍ବଦା ସମୁଦ୍ର ଜଳର ପ୍ରବେଶ, ଉପରୋକ୍ତ ମାଟିର ଲବଣତାର ମୁଖ୍ୟ କାରଣ । ମାଟି ତଳର ଜଳସ୍ତର ସାଧାରଣତଃ କମ୍ ଗଭୀରରେ ଥାଏ ଓ ତାହା ବହୁ ପରିମାଣର ଦ୍ରବୀଭୂତ ଲବଣ ଧାଣ କରିଥାଏ । ଏହି ଭୂମଧ୍ୟସ୍ଥ ଲବଣ ମାଟି ଦ୍ୱାରା ଶୋଷି ହୋଇ ମାଟିର ଉପରି ଭାଗରେ ଆସି ଜମା ହୋଇଥାଏ । ତେଣୁ ବର୍ଷର ଶୁଖୁଲା ଦିନମାନଙ୍କରେ ଏହି ମାଟି ବହୁତ ଲବଣାକ୍ତ ଥାଏ । ପ୍ରାୟ ସମୁଦାୟ ଉପକୂଳବର୍ତ୍ତୀ ଜମିଗୁଡ଼ିକ ବର୍ଷା ଉପରେ ନିର୍ଭର କରିଥାଏ ଓ ଏହି ଜମିରେ ବର୍ଷରେ କେବଳ ଗୋଟିଏ ଚାଷ କରାଯାଇଥାଏ । ମୁଖ୍ୟତଃ ବର୍ଷା ଦିନରେ ଏହି ମାଟିରେ ଲବଣ ଅଂଶ କମ୍ ଥାଏ ଓ ଖରିଫ୍ ଧାନ ଚାଷ କରାଯାଇଥାଏ । ବର୍ଷର ଅବଶିଷ୍ଟ ସମୟରେ ଅଧୁକ ଲବଣ ଏବଂ ଜଳସେଚନର ଅଭାବ ଯୋଗୁଁ ଏହି ଜମିଗୁଡ଼ିକ ସାଧାରଣତଃ ଖାଲି ପଡ଼ିଥାଏ।

ପୁନଶ୍ଚ ଏହି ଧାନଜମି ଗୁଡ଼ିକରେ ଧାନଚାଷ ସଂପୂର୍ଣ୍ଣ ବର୍ଷାଜଳ ଉପରେ ନିର୍ଭର କରିଥାଏ ଓ ପ୍ରତି ବର୍ଷ ଆଶା ଜନକ ଅମଳ ହୋଇପାରେ ନାହିଁ । ଏକକାଳୀନ ଧାନ ଓ ମାଛଚାଷ କରିବାର ମୁଖ୍ୟ ଲକ୍ଷ୍ୟ ହେଉଛି, ଖରିଫ୍ ଧାନଚାଷରେ କ୍ଷତି ନଘଟାଇ ବର୍ଷରେ ଖାଲି ପଡୁଥିବା ସମୟରେ ଉପରୋକ୍ତ ମାଛଚାଷ କରିବା ।

ପଶ୍ଚିମବଙ୍ଗରେ ନଦୀମୁହାଣର ଉପରିଭାଗ ଓ ମଧ୍ୟଭାଗରେ ଯେଉଁଠାରେ ଜଳର ଲୁଣି ଅଂଶ କମ୍ ବା ମଧୁର ଜଳର ପ୍ରବେଶ ହେତୁ ଲୁଣି ଭାଗ କମ୍ ଥାଏ, ସେହି ଅଞ୍ଚଳ ଧାନ ଜମିମାନଙ୍କରେ ମାଛଚାଷ କରିବା ପଦ୍ଧତି ପ୍ରଚଳିତ । କେରଳର ପୋକାଲି ଚାଷ ଜମିରେ ଖରାଦିନେ ଖାଲି ପଡୁଥିବା ଜମିଗୁଡ଼ିକ କୃଷକମାନଙ୍କ ଦ୍ୱାରା ମାଛ ଚାଷ ଦ୍ୱାରା ବିନିଯୋଗ କରାଯାଇଥାଏ । ଏହି ପ୍ରକାର ଚାଷରେ ବାର୍ଷିକ ପ୍ରାୟ ୩୦୦ ରୁ ୧୦୦୦ କି.ଗ୍ରା. ମାଛ ପ୍ରତି ହେକ୍ଟରରୁ ଆମଦାନୀ କରାଯାଇଥାଏ ।

**ମାଛଚାଷ ସହ ଗାଈ ପାଳନ:**

ଏହି ପ୍ରଣାଳୀ ନିମିତ୍ତ ଏକ ଏକର ଜଳାୟତନ ବିଶିଷ୍ଟ ପୋଖରୀ ପାଇଁ ୩ ଗୋଟି ସଙ୍କର ଜାତୀୟ ଦୁଆଳୀ ଗାଈ ସହ ସେମାନଙ୍କର ବାଛୁରୀ ଗୁଡ଼ିକୁ ହୁଡ଼ା ଉପରେ ଗୁହାଳ କରି ପାଳନ କରାଯାଇଥାଏ । ଗାଈମାନଙ୍କର ମଳମୂତ୍ର ଓ ଗୁହାଳ ଧୁଆ ପାଣି ନାଳି ସାହାଯ୍ୟରେ ପୋଖରୀ ଜଳକୁ ନିଷ୍କାସିତ କରାଯାଏ ଏବଂ ପୋଖରୀର ପଙ୍କ, ହୁଡ଼ା ଉପରେ ପକାଇ ହାତୀଆ, ବସିମ୍, ନାପିଅର, ଷ୍ଟାଇଲୋ ପ୍ରଭୃତି ଘାସ ଚାଷ କରାଯାଏ ଏବଂ ଏହି ଘାସକୁ ପ୍ରତିଦିନ ଗାଈ ପିଛା ୨୫ କି.ଗ୍ରା. ହିସାବରେ କାଟି ଖାଇବାକୁ ଦିଆଯାଇଥାଏ । ଏପରି ମାଛ ଚାଷ କରିବା ଦ୍ୱାରା ବର୍ଷକୁ ଏକର ପିଛା ୩,୦୦୦ ଲିଟର କ୍ଷୀର ଉତ୍ପାଦନ ହୋଇପାରିବା ସଙ୍ଗେ ସଙ୍ଗେ ୧୮ କ୍ୱିଣ୍ଟାଲ ପର୍ଯ୍ୟନ୍ତ ମାଛ ଅମଳ ମିଳିଥାଏ ।

**ମାଛ ଚାଷ ସହ ଛେଳି ପାଳନ:**

ଛେଳି ଲଣ୍ଡିରେ ଗୋବରଠାରୁ ଅଧିକ ପରିମାଣର ଯବକ୍ଷାରଜାନ ଓ ପଟାସ ଗୁଣସାର ରହିଥାଏ । ଏକ ଏକର ଜଳାୟତନ ବିଶିଷ୍ଟ ପୋଖରୀରେ ମାଛଚାଷ ପାଇଁ ହୁଡ଼ା ଉପରେ ୧୫-୧୬ ଗୋଟି ଛେଳି ପାଳନ କରାଯାଇଥାଏ । ପ୍ରତ୍ୟେକ ଦିନ ଏମାନଙ୍କର ମୁତ୍ରସହ ଲଣ୍ଡି ଗୁଡ଼ିକୁ ଗୁହାଳ ଧୁଆ ପାଣି ସହ ନାଳି ସାହାଯ୍ୟରେ ପୋଖରୀରେ ପକାଯାଇଥାଏ । ଛେଳିମାନଙ୍କୁ ପ୍ରତ୍ୟେକ ଦିନ ହୁଡ଼ାରେ ହେଉଥିବା ଘାସ, ଶାଗ ପତ୍ର, କୋବି ପତ୍ରକୁ କାଟି ଖାଇବାକୁ ଦିଆଯାଇଥାଏ । ଏହା ଛଡ଼ା କୃତ୍ରିମ ଶୁଖୁଲା ସୁଷମ ଖାଦ୍ୟ ମଧ ଛେଳିଙ୍କୁ ଖାଇବାକୁ ଦିଆଯାଏ । ଏହାଦ୍ୱାରା ଛେଳି ଦୁଗ୍ଧ ସହ ମାଂସ ଉତ୍ପାଦିତ ହୋଇପାରିବା ସଙ୍ଗେ ସଙ୍ଗେ ପୋଖରୀରେ ବିନା କୃତ୍ରିମ ମାଛଖାଦ୍ୟ ଓ ରାସାୟନିକ ସାର ପକାଯାଇ ଏକର ପିଛା ୧୫ କ୍ୱିଣ୍ଟାଲ ପର୍ଯ୍ୟନ୍ତ ମାଛ ଅମଳ କରିହେବ ।

**ମାଛଚାଷ ସହ ବତକ ପାଳନ:**

ବତକ ଗୁଡ଼ିକ ପୋଖରୀରୁ ସେମାନଙ୍କ ଆବଶ୍ୟକ ହେଉଥିବା ନୈକ ଖାଦ୍ୟ ପରିମାଣର ତିନି ଚୁତର୍ଥାଂଶ ସଂଗ୍ରହ କରି ଖାଇ ବଢ଼ିଥାନ୍ତି । ଏଣୁ ମାଛଚାଷ ସହ ବତକ ପାଳନ କଲେ ଉଭୟ ପରସ୍ପରଠାରୁ ଉପକାର ପାଇ କମ୍ ଖର୍ଚ୍ଚରେ ଅଧୁକ ଲାଭ ଦେଇଥାନ୍ତି । ଏକ ଏକର ଜଳାୟତନ ବିଶିଷ୍ଟ ମାଛଚାଷ ପୋଖରୀ ପାଇଁ ୧୦୦ ଗୋଟି ଦୁଇମାସିଆ ବତକ ଛୁଆ କିଣି ହୁଡ଼ା ଉପରେ ଝାଟିମାଟି ଘରେ କିମ୍ବା ପାଣି ଭିତରେ ଭାସମାନ ମଞ୍ଚା ଘରେ ରଖୁ ପାଳନ କରାଯାଇଥାଏ । ବତକ ସହ ମାଛଚାଷ କରାଯାଉଥିବା ପୋଖରୀରେ ଏକର ପିଛା ୮ ସେ.ମି.ରୁ ଉର୍ଦ୍ଧ ଆକାରର ୩୦୦୦ ସଂଖ୍ୟାର ବିଶୁଦ୍ଧ, ନୀରୋଗ, ଜାତିଆ ମିଶ୍ରିତ ମାଛ ଯାଆଁଳ ଛାଡ଼ିବାକୁ ପଡ଼ିଥାଏ । ଇଞ୍ଚିକିଆ ଯାଆଁଳ



ଛାଡ଼ିଲେ ଏହାକୁ ବତକ ଖାଇଯିବାର ସମ୍ଭାବନା ଅଧୁକ ଥାଏ । ମାଛଚାଷ ପୋଖରୀ ନିକଟରେ ଯଦି ନର୍ସରୀ ବା ଇୟରଲିଙ୍ଗ ପୋଖରୀ ଥାଏ, ତା ହେଲେ ତା ଉପରେ ଛିଣ୍ଡାଜାଲ ଆଚ୍ଛାଦିତ କରି ରଖୁବା ଉଚିତ୍ । ବତକ ଗୁଡ଼ିକ ପୋଖରୀରେ ପହଁରୁଥିବା ଅବସ୍ଥାରେ ମଳତ୍ୟାଗ କରନ୍ତି । ଏହାଛଡ଼ା ଏମାନେ ପୋଖରୀରେ ପହଁରିବା ଦ୍ୱାରା ପାଣିରେ ଦ୍ରବୀଭୂତ ଅମ୍ଳଜାନର ପରିମାଣ ବଢ଼ିଥାଏ । ଏମାନେ ଖାଦ୍ୟ ସଂଗ୍ରହ ସମୟରେ ପୋଖରୀରେ ବୁଡ଼ି ପଙ୍କକୁ ଥଣ୍ଟଦ୍ୱାରା ଘାଣ୍ଟିବା ଦ୍ୱାରା ପଙ୍କରେ ଆବଦ୍ଧ ଅବସ୍ଥାରେ ଥିବା ମୌଳିକ ଗୁଣସାର ଗୁଡ଼ିକ ଜଳସ୍ତରକୁ ଅପସାରିତ ହୋଇଥାଏ । ଏମାନେ ପୋଖରୀରୁ ଛୋଟ ଛୋଟ ଉଦ୍ଭିଦ, ପୋକଜୋକ, ଗେଣ୍ଡା ପ୍ରଭୃତି ଖାଇ ପୋଖରୀ ଜଳ ପରିବେଶ ପରିଷ୍କାର ରଖୁଥାଆନ୍ତି । ଏମାନଙ୍କ ମଳରେ ଥିବା ଅଧା ହଜମ ଖାଦ୍ୟକୁ ମାଛମାନେ ସିଧାସଳଖ ଖାଇଥାଆନ୍ତି । ଏହିଭଳି ସମନ୍ୱିତ ଚାଷରୁ ବର୍ଷକୁ ଏକର ପିଛା ୧୬ କ୍ୱିଣ୍ଟାଲ ମାଛ, ୬୦୦୦ ଅଣ୍ଡା ଏବଂ ୨ କ୍ୱିଣ୍ଟାଲ ବତକ ମାଂସ ମିଳିଥାଏ । ଏଥିପାଇଁ ଚୂନ ବ୍ୟତୀତ ଅନ୍ୟ କୌଣସି ପୂରକ ଆହାର ବା ରାସାୟନିକ ସାର ପୋଖରୀରେ ପକାଇବାକୁ ପଡ଼ି ନଥାଏ ।

**ମାଛଚାଷ ସହ କୁକୁଡ଼ା ପାଳନ:**

ପୋଖରୀ ହୁଡ଼ାରେ ତାର ଜାଲି ଦିଆ କାନ୍ଥ ସହ ଚାଳଛପର ଘରଟିଏ କରି ମାଂସଳ (ବ୍ରଏଲର) କିମ୍ବା ଅଣ୍ଡାଦିଆ (ଲେୟାର) କୁକୁଡ଼ା ପାଳନ କରାଯାଇପାରେ । ଏହି ଘର ଚଟାଣ ଉପରେ ୬ ଇଞ୍ଚ ବହଳର ଚଷୁ ବିଛାଇ ଦିଆଯାଏ । ଏହାପରେ ଅଣ୍ଡାଦିଆ କୁକୁଡ଼ା ପାଳନ ପାଇଁ ୨ ମାସ ବୟସର ପ୍ରତିଷେଧକ ଟୀକାପ୍ରାପ୍ତ ଚିଆଁ ୨୦୦ ଗୋଟି ଏକ ଏକର ଜଳାୟତନ ବିଶିଷ୍ଟ ମାଛଚାଷ ପୋଖରୀ ପାଇଁ ପାଳନ କରାଯାଇଥାଏ । ଏମାନେ ୫ ମାସ ବେଳକୁ ଅଣ୍ଡାଦେବା ଆରମ୍ଭ କରିଥାନ୍ତି ଏବଂ ଦେଢ଼ବର୍ଷ ପର୍ଯ୍ୟନ୍ତ ଏମାନଙ୍କ ଅଣ୍ଡଦିଆ କ୍ଷମତା ଠିକ୍ ରୁହେ । ଏହାପରେ ଏମାନଙ୍କୁ ବିକ୍ରୟ କରିଦେବା ଉଚିତ୍ । ଯଦି ମାଂସଳ କୁକୁଡ଼ା ପାଳନ କରାଯାଏ, ତା ହେଲେ ଗୋଟିଏ ଥରରେ ଦିନିକିଆ ଚିଆଁ ୨୦୦ ଗୋଟି କିଣାଯାଇ ୪୫-୪୬ ଦିନ ପରେ ମାଂସ ପାଇଁ ବିକ୍ରୟ କରିଦିଆଯାଏ । ଏହିଭଳି ବର୍ଷକ ମଧ୍ୟରେ ୫ ଥର ମାଂସଳ କୁକୁଡ଼ା ପାଳନ କରି ବିକ୍ରୟ କରାଯାଇପାରେ । ଏହି କୁକୁଡ଼ା ଗୁଡ଼ିକ ପାଇଁ ବଜାରରେ ବିଭିନ୍ନ କମ୍ପାନୀ ଗୁଡ଼ିକର କ୍ରମ୍ବଲ୍ ବା ଦାନାଦାର ଏବଂ ପେଲେଟ୍ ଖାଦ୍ୟ ମିଳୁଛି । ତାକୁ କିଛି ଅନୁମୋଦିତ ହାରରେ କୁକୁଡ଼ାଙ୍କୁ ଖାଇବାକୁ ଦିଆଯାଏ । ଏହାଛଡ଼ା ମାଂସଳ କୁକୁଡ଼ା ପାଇଁ ରାଣୀକ୍ଷେତ୍ର, କକ୍ସିଡ଼ିଓସିସ୍ ପ୍ରଭୃତି ରୋଗ ପାଇଁ ପ୍ରତିଷେଧକ ବ୍ୟବସ୍ଥା ଠିକ୍ ସମୟରେ ନିଆଯିବା ଉଚିତ୍ । କୁକୁଡ଼ା ଘରେ ବିଛା ଯାଇଥିବା ଚଷୁ ଦୁଇମାସ ପରେ ଖତରେ ପରିଣତ ହୋଇଥାଏ । ସେଗୁଡ଼ିକ ସିଧାସଳଖ ପୋଖରୀରେ ପକାଯାଇଥାଏ । ପୋଖରୀ ଜଳରେ ନେଳି ସୃଷ୍ଟି ହେଲେ ଏହି ଖତ ପକାଇବା ସ୍ଥଗିତ ରଖୁ ଏକର ପିଛା ୮୦ କି.ଗ୍ରା. କାର୍ବୋନେଟ୍ ଚୂନ ରାତିସାରା ବତୁରାଯାଇ ସକାଳେ ପ୍ରୟୋଗ କରିବାକୁ ପଡ଼ିଥାଏ । ଏହି ସମନ୍ୱିତ ଚାଷ ଦ୍ୱାରା ଚୂନ ବ୍ୟତୀତ ଆଉ କୌଣସି କୃତ୍ରିମ ମାଛ ଖାଦ୍ୟ ବା ରାସାୟନିକ ସାର ନ ପକାଯାଇ ବାର୍ଷିକ ଏକର ପିଛା ୨୦ କ୍ୱିଣ୍ଟାଲ ପର୍ଯ୍ୟନ୍ତ ମାଛ ଅମଳ ମିଳିଥାଏ । ଏତଦ୍ ?ବ୍ୟତୀତ ଅଣ୍ଡାଦିଆ କୁକୁଡ଼ା ପାଳନ କରାଯାଉଥିଲେ ଏକର ପିଛା ବର୍ଷକୁ ଅତିରିକ୍ତ ୨୮୦୦୦ ଅଣ୍ଡା ଓ ୫୦୦ କି.ଗ୍ରା. କୁକୁଡ଼ା ମାଂସ ଏବଂ ମାଂସଳ କୁକୁଡ଼ା ପାଳନ କରାଯାଉଥିଲେ

୧୫୦୦ କି.ଗ୍ରା. ପର୍ଯ୍ୟନ୍ତ କୁକୁଡ଼ା ମାଂସ ଆମଦାନୀ ମିଳିଥାଏ । ବର୍ତ୍ତମାନ ଅନେକ ଚାଷୀଭାଇ ପୋଖରୀ ହୁଡ଼ା ଉପରେ ଝାଟିମାଟି ଘରଟିଏ କରି ବିଭିନ୍ନ ରଙ୍ଗିନ୍ ପ୍ରଜାତିର କୁକୁଡ଼ା ଯଥା – ବନରାଜା, ଗ୍ରାମପ୍ରିୟ, କୃଷ୍ଣପ୍ରିୟ, ଗିରିରାଜ, ବ୍ଲକର, କୋଡନାଥ, ପ୍ରଭୃତିଙ୍କୁ ଉଭୟ ମାଂସ ଓ ଅଣ୍ଡା ପାଇଁ ପାଳନ କରୁଅଛନ୍ତି ।

**ଅନିଲ କୁମାର ମିଶ୍ର**
ଭୁବନେଶ୍ୱର, ଓଡ଼ିଶା




# ଖଣି ବ୍ୟବସାୟୀଙ୍କ କଳା ସାମ୍ରାଜ୍ୟର ଖିଅ ଖୋଜୁଛି ଆୟକର ବିଭାଗ

ଭୁବନେଶ୍ୱର (ପିଏନ୍): ସୁନ୍ଦୁରିଆ ପ□ାୟତ ସାରୋଇ ଗ୍ରାମର ବିଶିଷ୍ଟ ଖଣି ବ୍ୟବସାୟୀ ଶ୍ରୀବାସ ଜେନାଙ୍କ ବେଆଇନ ବ୍ୟବସାୟର ଖିଅ ଖୋଜୁଛି ଆୟକର ବିଭାଗ । ବିଭାଗୀୟ ଅଧିକାରୀ ମଙ୍ଗରାଜ ସେଠୀଙ୍କ ନେତୃତ୍ୱରେ ଆସିଥିବା ତଦ'କାରୀ ଦଳ ୪ ଦିନ ହେଲା ଶ୍ରୀବାସ ଓ ତାଙ୍କ ସହଯୋଗୀଙ୍କ କଳା ସାମ୍ରାଜ୍ୟର ଖୋଳତାଡ଼ କରୁଥିଲେ ହେଁ, ଏହାର ଚେର କେତେ ଦୂର ଲମ୍ବିଛି ସେ ସଂପର୍କରେ କୌଣସି ସୂଚନା ଦେଉନି । ବିରି ମାଡ଼ ଦେଖି କୋଲଥ ଚେପା ସଦୃଶ ଏହି ଚଢ଼ଉ ପରଠାରୁ ଧର୍ମଶାଳା ତହସିଲ ଅ□ଳର ଅଧିକାଂଶ ଖଣି ଖାଦାନ, କ୍ରସର, ବାଲିଘାଟ ଆଦି ସୈରାତ୍ ବନ୍ଦ ରହିଛି । ବ୍ୟବସାୟିକ ସହଯୋଗୀଙ୍କ ଏଭଳି ଦୁର୍ଦ୍ଦିନରେ ସ୍ଥାନୀୟ ଲୋକ ପ୍ରତିନିଧିଙ୍କୁ ଅ□ଳରେ ଦେଖିବାକୁ ନମିଳିବା ଘଟଣା ଏହାକୁ ଅଧିକ ରହସ୍ୟମୟ କରି ଦେଇଛି । ଗତ ୧୬ତାରିଖ ଭୋରୁ ଆୟକର ବିଭାଗର ଅଧିକାରୀମାନେ ଶ୍ରୀବାସଙ୍କ ସାରୋଇ ଗ୍ରାମସ୍ଥିତ ପୈତୃକ ଘର, କାର୍ଯ୍ୟାଳୟ, ହରିଦାସପୁର ମୌଜାରେ ଥିବା ଷ୍ଟକ୍‌ୟାର୍ଡ଼, ପରିବହନ ସଂସ୍ଥା ଏସ୍‌ଟି ମିନେରାଲସ୍, ଅତ୍ୟ' ଘନିଷ୍ଠ ସହଯୋଗୀ ପ୍ରଶା' କୁମାର ଜେନାଙ୍କ ପିକେ ମିନେରାଲସ୍, ପଣ୍ଡୁଆ ଶିଳ୍ପା□ଳରେ ଥିବା ନିରଂଜନ ଦେଓଙ୍କ କୋଣାର୍କ ଟ୍ରାନ୍‌ସପୋର୍ଟ, ଅପୂର୍ବ ସାହୁଙ୍କ ଅରୁଣି ଟ୍ରାନ୍ସପୋର୍ଟ, ଭୁବନେଶ୍ୱର ରଚିକା ମାର୍କେଟ ହାଉସିଂ ବୋର୍ଡ କଲୋନୀ ବାସଭବନ, ହାଇଦ୍ରାବାଦ ଘର, ସହଯୋଗୀ ଖଣିମାଲିକଙ୍କ କାର୍ଯ୍ୟାଳୟ ଓ ଡଙ୍କାରି ଅ□ଳରେ ଥିବା ଏକାଧିକ ମେଗା କ୍ରସର ୟୁନିଟ୍‌ରେ କାଗଜପତ୍ର ଯା□ କରୁଛନ୍ତି । ଏକ ଲମ୍ବା ଚଢ଼ଉ ଚାଲିଥିଲେ ବି ଆୟକର ବିଭାଗ ପକ୍ଷରୁ ଏନେଇ କୌଣସି ସୂଚନା ନଦେବା ଘଟଣା ସ୍ଥାନୀୟ ଅ□ଳବାସୀଙ୍କ ମଧ୍ୟରେ ନାନା ପ୍ରଶ୍ନବାଚୀ ସୃଷ୍ଟି କରିଛି । ତେବେ ଡଙ୍କାରି କଳାପଥର ଲୁଟ୍ ଓ ରାଜସ୍ୱ ଫାଙ୍କି ଲିଙ୍କ୍‌ରେ ଏହି ଚଢାଉ ହେଉଥିବା ସନ୍ଦେହ କରାଯାଉଛି । ସୂଚନା ଯୋଗ୍ୟ, ୨୦୦୨/୦୩ ଆର୍ଥିକ ବର୍ଷରୁ ୨୦୧୫/୧୬ ପର୍ଯ୍ୟ' ଶ୍ରୀବାସ ଡଙ୍କାରି ପାହାଡ଼ରେ ଥିବା କଳାପଥର ଖାଦାନଗୁଡ଼ିକୁ ଦୀର୍ଘମିଆଦି ସୂତ୍ରରେ ଲିଜ୍ ନେଇଥିଲେ । ଲିଜ୍ ଅ□ଳ ସମେତ ବହୁ ଅଧିକ ଅ□ଳରୁ ବିପୁଳ ପରିମାଣର କଳାପଥର ଉତୋଳନ ଓ ଚାଲାଣ ହୋଇଥିବା ଅଭିଯୋଗ ହୋଇଥିଲା । ପରେ ଏହି ଚର୍ଚ୍ଚିତ ଦୁର୍ନୀତିର ତଦ' କରିଥିଲା ଖଣି ବିଭାଗ । ଏଠାରେ ବିପୁଳ ଟିକସ ଫାଙ୍କି ସହିତ ଚୁକ୍ତି ଠାରୁ ବହୁ ଗୁଣ କଳାପଥର ଖନନ ଓ ପରିବହନ ହୋଇଥିବା ଜଣାପଡିଥିଲା । ଏନେଇ ତହସିଲ ପକ୍ଷରୁ ପତ୍ରସଂଖ୍ୟା-୧୮୭୮/୨୮.୫.୨୦୧୬ରେ ୫୮କୋଟି ୬୨ଲକ୍ଷ ୬୯ହଜାର ୬୩୩ଟଙ୍କା ରାଜସ୍ୱ ପୈଠ କରିବାକୁ ଲିଜ୍‌ଧାରୀ ଶ୍ରୀବାସଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ତେବେ ଏହି ନିର୍ଦ୍ଦେଶକୁ ଚ୍ୟାଲେ୍ କରି ଶ୍ରୀବାସ କୋର୍ଟର ଦ୍ୱାରସ୍ଥ ହୋଇଥିଲେ । ଇତି ମଧ୍ୟରେ ଏହି ଘଟଣାକୁ ୬ ବର୍ଷ ବିତି ଯାଇଥିଲେ ମଧ୍ୟ ଉକ୍ତ ରାଜସ୍ୱ ପୈଠ ହୋଇନଥିବା ଜଣାପଡିଛି । ସେହିପରି ଏକାଧିକ ଟ୍ରାନ୍ସପୋର୍ଟ କମ୍ପାନୀ ମାଧ୍ୟମରେ ହୋଇଥିବା ଲୁହାଗୁଣ୍ଡ ବ୍ୟବସାୟ ଓ ବିଦେଶ ରପ୍ତାନି କାରବାର ଲିଙ୍କ୍‌ରେ ଶ୍ରୀବାସଙ୍କ ସଂପୃକ୍ତିର ଛାନ୍‌ଭିନ୍ ହେଉଥିବା ସନ୍ଦେହ କରାଯାଉଛି । ଆଳୁ ଖୋଳ ଖୋଳୁ ମହାଦେବ ବାହାରିବା ଭଳି ହାଇଦ୍ରାବାଦର ଠିକାଦାର ମନୋହର ରେଡ୍ଡୀଙ୍କ ବ୍ୟବସାୟିକ କାରବାରର ଖୋଳତାଡ଼ କରୁଥିବା ଆୟକର ବିଭାଗ ଆସି ଧର୍ମଶାଳା ଅ□ଳର କେତେକ ଖଣିମାଲିକଙ୍କ ଘରେ ପହ□ିବା ଘଟଣା ସ୍ଥାନୀୟ ଅ□ଳରେ ଚର୍ଚ୍ଚାର ବିଷୟ ପାଲଟିଛି । ତେବେ ୪ଦିନ ହେଲା ଆୟକର ବିଭାଗର ଅଧିକାରୀମାନେ ଝାଳ ବୁହାଇ କଣ ଘ□ାଚକଟା କରୁଛନ୍ତି ଓ ଏଥିରୁ କି ଫଳ ମିଳୁଛି, ଏହାକୁ ଦେଖିବାକୁ ଅ□ଳବାସୀ ଅପେକ୍ଷା କରିଛନ୍ତି ।

## କେନ୍ଦ୍ରାପଡା-ଗଣ୍ଡାକିଆ ରାସ୍ତାରେ ଭାରିଯାନ ଚଳାଚଳକୁ ବିରୋଧ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ସାନ୍ତସାହି - ଗଣ୍ଡାକିଆ ରାସ୍ତାରେ ଭାରିଯାନ ଚଳାଚଳକୁ ସ୍ଥାନୀୟ ବୁଦ୍ଧିଜୀବିମାନେ ବିରୋଧ କରିଛନ୍ତି । ସାନ୍ତସାହି ଠାରୁ ଗଣ୍ଡାକିଆ ପର୍ଯ୍ୟନ୍ତ ପ୍ରାୟ ୧୨ କି.ମି ରାସ୍ତାରେ ଦୈନିକ ଶହ ଶହ ସଂଖ୍ୟାରେ ଦଶ ଚକିଆ ଓ ହାଇଓ୍ୱା ସମେତ ଅନ୍ୟାନ୍ୟ ଭାରିଯାନ ଚଳାଚଳ ଯୋଗୁଁ ସାଧାରଣ ଯାତାୟତରେ ଘୋର ଅସୁବିଧା ସୃଷ୍ଟି ହେଉଛି । ଦୈନିକ ଏହି ରାସ୍ତା ଦେଇ ଶହଶହ ଲୋକ ଜିଲ୍ଲା ସଦର ମହକୁମାକୁ ଯାତାୟତ କରିବା ସହିତ ଛାତ୍ରଛାତ୍ରୀମାନେ ସ୍କୁଲ କଲେଜକୁ ଯିବା ଆସିବା କରିଥାନ୍ତି । ଭାରିଯାନ ଚଳାଚଳ ଯୋଗୁଁ ବିଶେଷ କରି ବୃଦ୍ଧ, ବୃଦ୍ଧା ଶିଶୁ, ଏବଂ ୨ ଚକିଆ ଗାଡି ଚାଳକମାନଙ୍କ ପ୍ରତି ବିପଦ ଦେଖାଦେଇଛି । ଏଥିସହିତ ଏହି ରାସ୍ତା ଦେଇ ଭାରିଯାନ ଗୁଡିକ ନିର୍ମାଣ ସାମଗ୍ରୀ ଧରି ରାଜନଗର, ପଟ୍ଟାମୁଣ୍ଡାଇ ଓ ମହାକାଳପଡା ଆଦି ଅ□ଳକୁ ଯିବା ଆସିବା କରିଥାନ୍ତି । ଗତ ଅପ୍ରେଲ ମାସ ୨୯ ତାରିଖ ଦିନ ଆୟବା ଛକ ନିକଟରେ ଏକ ହାଇଓ୍ୱା ଦୁର୍ଘଟଣାରେ ସାରଙ୍ଗ ଗ୍ରାମର ୨ ଜଣ ଯୁବକ ଗୁରୁତର ଆହତ ହୋଇ ଏବେ ସୁଦ୍ଧା କଟକ ବଡ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ଏହାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ଭାରିଯାନ ଚଳାଚଳ ଦିଗରେ ନିଷ୍ପେଧାଦେଶ ଜାରି କରିବାକୁ ଗଣ୍ଡାକିଆ ନରଣପୁର ଗ୍ରାମର ବରିଷ୍ଠ ନାଗରିକ ତଥା ବୁଦ୍ଧିଜୀବି ଅମିୟ କୁମାର ସ୍ୱାଇଁ ପ୍ରଶାସନ ନିକଟରେ ଦାବି କରିଛନ୍ତି ।

# ସଫଳ ହେଲା ପାରାଦୀପ କାର୍ଯ୍ୟରତ ସାମ୍ବାଦିକଙ୍କ ଟ୍ରାଫିକ ସମସ୍ୟାଜନିତ ଅଭିଯାନ

ପାରାଦୀପ (ପିଏନ୍)-ଦୀର୍ଘଦିନ ହେବ ପାରାଦୀପର ମୁଖ୍ୟ ପ୍ରବେଶ ପଥ ଦୋଛକିଠାରୁ ଅଠରବାଙ୍କୀ ପର୍ଯ୍ୟନ୍ତ ରାଜ୍ୟ ଓ ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ବେଆଇନ ଭାରୀଯାନ ପାର୍କିଙ୍ଗ ଏବଂ ଜବରଦଖଲ ଦ୍ୱାରା ଏଠାରେ ଅନେକ ଦୁର୍ଘଟଣା ଘଟି ବହୁ ଧନଜୀବନ ହାନୀ ଘଟଲାଣି । ଏ ବାବଦରେ ଅନେକ ରାଜନୈତିକ ଦଳ ଓ ସ୍ୱେଚ୍ଛାସେବୀ ସଙ୍ଗଠନ ପ୍ରତିବାଦ ସତ୍ୱେ ଏ ସମସ୍ୟାର ସମାଧାନ ହୋଇପାରିନଥିଲା । ତେବେ ପରିସ୍ଥିତର ଗମ୍ଭିରତାକୁ ହୃଦୟଙ୍ଗମ କରି ପାରାଦୀପର କାର୍ଯ୍ୟରତ ସାମ୍ବାଦିକମାନେ ଏହାର ସମାଧାନ ନିମନ୍ତେ ଜିଲ୍ଲା ପ୍ରଶାସନକୁ ଏକ ଦାବୀପତ୍ର ପ୍ରଦାନ କରିଥିଲେ । ନିର୍ଦ୍ଦିଷ୍ଟ ସମୟସୀମା ମଧରେ ଏହାର ସମାଧାନ ନହେଲେ ସାମ୍ବାଦିକମାନେ ରାଜରାସ୍ତାକୁ ଅବରୋଧ କରିବେ ବୋଲି ଚେତାବନୀ ଦେଇଥିଲେ । ଏ ଘଟଣା ପରେ ପ୍ରଶାସନ ତ୍ୱରିତ ପଦକ୍ଷେପ ସ୍ୱରୂପ ରାସ୍ତା ଅବରୋଧ କରୁଥିବା ଟ୍ରକ୍ ଜବତ କରିବା ସହିତ ଏକ ଷ୍ଟାକ୍‌ୟାଡ୍ ତିଆରି କରି ସେଠାରେ ରଖିବାକୁ ଯୋଜନା କରିଛି,ଏବଂ ସ୍ଥିରୀକୃତ ସ୍ଥାନରେ ବାଲି ପୋତିବାକୁ ଜିଲ୍ଲାପାଳ ପାରାଦୀପ ବନ୍ଦରକୁ ତାର ସିଏସଆର୍ ଅର୍ଥ ବିନିଯୋଗରେ ଏହି କାର୍ଯ୍ୟ କରିବାକୁ ଚିଠି କରିଛନ୍ତି । ଯେହେତୁ ଅଧିକାଂଶ ଭାରୀଯାନ ପାରାଦୀପ ବନ୍ଦରକୁ ପଣ୍ୟ ଓ ଅନ୍ୟାନ୍ୟ ସାମଗ୍ରୀ ନେଇ ଆସିଥାନ୍ତି ତେଣୁ ନୈତିକତା ଦୃଷ୍ଟିରୁ ପାରାଦୀପ ବନ୍ଦରକୁ ଏହି ବାଲି ଫିଲିଙ୍ଗ୍ କାର୍ଯ୍ୟ ସମ୍ପାଦନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ରାସ୍ତାର ଉଭୟ ପାର୍ଶ୍ୱରେ ଜବରଦଖଲକାରୀଙ୍କୁ ଉଚ୍ଛେଦ କରିବା ପାଇଁ ପ୍ରଶାସନ ପଦକ୍ଷେପ ନେଉଛି । ସୋମବାର ଦିନ ପାରାଦୀପର କାର୍ଯ୍ୟରତ ସାମ୍ବାଦିକମାନଙ୍କର ଏକ ପ୍ରତିନିଧି ଦଳ ପାରାଦୀପର ଅଠରବାଙ୍କୀରୁ ଦୋଛକି ପର୍ଯ୍ୟ' ରାସ୍ତାର ଟ୍ରାଫିକ ସମସ୍ୟା ସମ୍ପର୍କିତ ସ୍ଥିତି ଅନୁଧ୍ୟାନ କରିବାକୁ ଯାଇଥିଲେ । ଏହାପରେ ପାରାଦୀପର ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଜିଲ୍ଲାପାଳ କାହ୍ନୁ ଚରଣ ଧୀର ଓ କାର୍ଯ୍ୟରତ ସାମ୍ବାଦିକମାନଙ୍କର ଏକ ବୈଠକ ବସିଥିଲା । କାର୍ଯ୍ୟରତ ସାମ୍ବାଦିକମାନେ ଦାବୀପତ୍ର ପ୍ରଦାନ ପରେ ପ୍ରଶାସନ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ । ଜିଲ୍ଲାପାଳଙ୍କ ଚିଠି ସମେତ ଅନ୍ୟାନ୍ୟ ଦସ୍ତାବିଜମାନ ଦେଖିବା ପରେ କାର୍ଯ୍ୟରତ ସାମ୍ବାଦିକମାନେ ସନ୍ତୁଷ୍ଟି ପ୍ରକାଶ କରିଥିଲେ ଏବଂ ସାମୟିକ ଭାବେ ଅନ୍ଦୋଳନକୁ ସ୍ଥଗିତ ରଖିଥିଲେ । ପ୍ରଶାସନ ଯଦି ଏହି କାର୍ଯ୍ୟକୁ ସଠିକ୍ ଭାବେ ପରିଚାଳନା ନକରେ ତେବେ ଆଗାମୀ ଦିନରେ ଏ ସମ୍ପର୍କରେ କାର୍ଯ୍ୟରତ ସାମ୍ବାଦିକମାନେ ନିଷ୍ପତିର ପୁର୍ନବିଚାର କରିବେ ବୋଲି ସୂଚନା ଦେଇଛନ୍ତି । ନିଷ୍ଠାପର ଭାବେ ପାରାଦୀପ ଅଂଚଳର ବହୁ ପୁରାତନ ଜନହିତକର ସମସ୍ୟାକୁ ସମାଧାନର ବାଟ କଢେଇ ନେଇଥିବାରୁ ପାରାଦୀପର ବହୁ ସାମାଜିକ ସଙ୍ଗଠନ କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ଉଚ୍ଚ ପ୍ରଶଂସା କରିଛନ୍ତି ।

## ଜଣେ ଟିବି ରୋଗୀଙ୍କୁ ୬ ୟୁନିଟ୍ ରକ୍ତଦାନ କଲେ ଗରିବ ସେବାସଦନର ସଦସ୍ୟ

ଆନନ୍ଦପୁର (ପିଏନ୍):ଆନନ୍ଦପୁର ଅଂଚଳର ବହୁ ପୁରୁଣା ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗରିବ ସେବାସଦନ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ବିଭିନ୍ନ ସମୟରେ ଗରିବ ଅସହାୟ ଲୋକଙ୍କୁ ସାହାଯ୍ୟ ଓ ସହାୟତା ଯୋଗାଇ ଦେଉଥିବା ବେଳେ ଘଷିପୁରା ବ୍ଲକ ବଳରାମପୁର ପଂଚାୟତ ସରେଇଁ ଗ୍ରାମର ଜଣେ ଗରିବ ଅସହାୟ ବ୍ୟକ୍ତି ଯିଏକି ଦୀର୍ଘଦିନ ହେବ ଟିବି ରୋଗରେ ଆକ୍ରାନ୍ତ ହୋଇ କଟକ ବଡଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ ତାଙ୍କର ଅପରେସନ ଥିବାରୁ ୫ ୟୁନିଟ୍ 'ଓ' ପଜିଟିଭ୍ ରକ୍ତର ଆବଶ୍ୟକତା ଥିଲା । ଏହି ଖବର ପାଇ ଗରିବ ସେବାସଦନର ପ୍ରତିଷ୍ଠାତା ଡ. ଶମ୍ଭୁନାଥ ରାଉତଙ୍କ ନିର୍ଦ୍ଦେଶକ୍ରମେ ସେବାସଦନର ସ୍ୱେଚ୍ଛାସେବୀ ସଦସ୍ୟମାନେ ଏକ ବୋଲେରୋ ଗାଡ଼ିରେ କଟକ ଡାକ୍ତରଖାନାକୁ ଯାଇ ୫ୟୁନିଟ୍ ରକ୍ତଦାନ କରିଥିଲେ । ଏହି ରୋଗୀଙ୍କୁ ୫ ଦିନ ଧରି ଗୋଟିଏ ଲେଖାଏଁ ରକ୍ତ ଦିଆଯିବ ବୋଲି ଡାକ୍ତର ପ୍ରକାଶ କରିଛନ୍ତି ।

# ବିଜେପି ସରକାରର ଆକ୍ରୋଶ ରାଜନୀତି ଓ ପୋଲିସ୍ ଅତ୍ୟାଚାର ବିରୁଦ୍ଧରେ କଂଗ୍ରେସର ବ୍ଲକ୍‌ସ୍ତରୀୟ ପ୍ରତିବାଦ ବିକ୍ଷୋଭ

ରାଉରକେଲା (ପିଏନ୍) : ବିଜେପି ନେତୃତ୍ୱାଧିନ ମୋଦି ସରକାରଙ୍କ ଆକ୍ରୋଶମୂଳକ ରାଜନୀତି ଓ କଂଗ୍ରେସ କର୍ମକ□ୀଙ୍କ ଉପରେ ପୋଲିସ୍‌ର ଜୁଲମ ପ୍ରତିବାଦରେ ରାଉରକେଲା ସାଙ୍ଗଠନିକ ଜିଲ୍ଲାର ୫ଟି ବ୍ଲକ୍‌ରେ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି । ଏକ ନମ୍ବର ବ୍ଲକ୍‌ର ପାନପୋଷ ଗାନ୍ଧୀ ଛକଠାରେ କଂଗ୍ରେସର କାର୍ଯ୍ୟନିର୍ବାହୀ ସଦସ୍ୟ ମାତାପ୍ରସାଦ ଜୟସ୍ୱାଲଙ୍କ ତ□ାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଦୁଇ ନମ୍ବର ବ୍ଲକ୍‌ର ମାଲଗୋଦାମ ରୋଡରେ ବ୍ଲକ୍ ସଭାପତି ପ୍ରଦ୍ୟୁମ୍ନ ଷଡଙ୍ଗୀଙ୍କ ନେତୃତ୍ୱରେ ଏହି ବିକ୍ଷୋଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସେହିପରି ୩ ନମ୍ବର ବ୍ଲକ୍ ଅଧ୍ୟକ୍ଷ ଜାଫର ନୁମାନଙ୍କ ଅଧ୍ୟକ୍ଷତାରେ ନାଲାରୋଡ ଚୌକ ଠାରେ ଏହି ପ୍ରତିବାଦ ବିକ୍ଷୋଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ୪ ନମ୍ବର ବ୍ଲକ୍‌ର ବିଏସ୍‌ଏନ୍‌ଏଲ୍ ଛକଠାରେ ଏହି ପ୍ରତିବାଦ ବିକ୍ଷୋଭ କାର୍ଯ୍ୟନିର୍ବାହୀ ସଦସ୍ୟ ଦିଲ୍ଲୀପ ଜେନାଙ୍କ ଉଦ୍ୟମରେ ସମ୍ପନ୍ନ ହୋଇଥିଲା । ୧୦ ନମ୍ବର ବ୍ଲକ୍‌ରେ ସଭାପତି ରାଜେନ୍ଦ୍ର ରଜାକଙ୍କ ନେତୃତ୍ୱରେ ଏହି ବିକ୍ଷୋଭ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିବା ବେଳେ ଏ ସମସ୍ତ କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସର ଅ'ରୀଣ ସଭାପତି ଦେବବ୍ରତ ବିହାରୀ, ରାଉରକେଲାର ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ବିରେନ ସେନାପତି, ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର, ଜିଲ୍ଲା କଂଗ୍ରେସ ଉପସଭାପତି ସ'ୋଷ ବିଶ୍ୱାଳ ଓ କୀ□ନ ଦାସ, ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ ଓ ସୁଦନ ତ'ୀ, ପୂର୍ବତନ ସମ୍ପାଦକ ଗଣେଶ ପ୍ରଧାନ, ସବୀର ହୁସେନ ଓ ରଶ୍ମିରନ ପାଢୀ, ଏଆଇସିସି ସହଯୋଗୀ ସଭ୍ୟ ରାଜକୁମାର ଯାଦବ, ମହିଳା କଂଗ୍ରେସ ସଭାନେତ୍ରୀ ନିରୂପମା ବଳିୟାରସିଂ, ଯୁବ କଂଗ୍ରେସ ସଭାପତି ଜ୍ଞାନେନ୍ଦ୍ର ଦାସ, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ସରୋଜ ଲେଙ୍କା, କାର୍ଯ୍ୟନିର୍ବାହୀ ସଦସ୍ୟ ସାହିର ହୁସେନ ଓ ଭାସ୍କର ଖିଲ୍ଲାର, ଓବିସି ଅଧ୍ୟକ୍ଷ ବୈଲୋଚନ ସାହୁ ପ୍ରମୁଖ ଉପସ୍ଥିତ ରହି କଂଗ୍ରେସ କର୍ମକ□ା ତଥା ସାଧାରଣ ଲୋକଙ୍କୁ ସମ୍ବୋଧିତ କରିଥିଲେ । ସମ୍ପ୍ରତି ଦରଦାମ୍ ବୃଦ୍ଧି, ବେକାରୀ ଓ ବେରୋଜଗାରୀକୁ ନେଇ ଦେଶବାସୀ ଚିନ୍ତିତ ଥିବାବେଳେ ସରକାର ଦଳ ବିଜେପିର ପ୍ରବକ୍ତାମାନଙ୍କ ଦ୍ୱାରା ଉ□େଜନାପୂର୍ଣ୍ଣ ମନ୍ତବ୍ୟ ଦିଆଯାଇ ଦେଶରେ ଅରାଜକତା ସୃଷ୍ଟି କରାଯାଉଛି ବୋଲି କହିଥିଲେ । ସେହିପରି ଅଗ୍ନିପଥ ଯୋଜନାରେ ଦେଶର ସେନାବାହିନୀରେ ଯୁବକମାନଙ୍କୁ ୪ ବର୍ଷ ପାଇଁ ନିଯୁକ୍ତି ଦେଇ ଯବାନମାନଙ୍କୁ ଲାଞ୍ଛିତ ଓ ଅପମାନ କରିବା ପାଇଁ ମୋଦି ସରକାର ଯେଉଁ ଉଦ୍ୟମ କରୁଛନ୍ତି ତାକୁ ଆଜି ଦେଶବ୍ୟାପି ଯୁବସମାଜ ବିରୋଧ କରି ରାସ୍ତାକୁ ଓହ୍ଲାଇଛନ୍ତି ବୋଲି କଂଗ୍ରେସ ନେତୃବୃନ୍ଦ କହିଥିଲେ । ତେବେ ଏସବୁରୁ ଲୋକଙ୍କ ନଜର ଏଡାଇବା ପାଇଁ ଆଜି ମୋଦି ସରକାର ଇଡିକୁ ବ୍ୟବହାର କରି ସରକାରଙ୍କ କଟୁ ସମାଲୋଚକ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ମିଥ୍ୟା ତଥା ମନଗଢା ମାମଲାରେ ସମ୍ପୃକ୍ତ କରି ଅଯଥାରେ ହଇରାଣ କରୁଛନ୍ତି ବୋଲି କଂଗ୍ରେସ ନେତୃବୃନ୍ଦ ଅଭିଯୋଗ କରିଥିଲେ । ରାହୁଲ ଗାନ୍ଧୀଙ୍କ ସ୍ୱରକୁ ଦବାଇ ଲୋକତନ୍ତ୍ରକୁ ହତ୍ୟା କରିବା ପାଇଁ ଯେଉଁ ଉଦ୍ୟମ ଚାଲିଛି ସେଥିରୁ ମୋଦି ସରକାର ନିବୃ□ ନ ରହିଲେ ଏହି ଆନ୍ଦୋଳନ ଆହୁରି ବ୍ୟାପକ ହେବ ବୋଲି କଂଗ୍ରେସ ନେତୃବୃନ୍ଦ ଚେତାବନୀ ଦେଇଥିଲେ । ଏ ସମସ୍ତ କାର୍ଯ୍ୟକ୍ରମରେ ଉପସଭାପତି ଶୋଭା ସିଂ, କଂଗ୍ରେସ ମୁଖପାତ୍ର କୈଳାସ ସାହୁ, ସମ୍ପାଦକ ଧର୍ମେନ୍ଦ୍ର ପରମାର ଓ ପ୍ରତିମା ପାଣିଗ୍ରାହୀ, ସୁନୀଲ ସିଂହ ଓ ରାଜେନ୍ଦ୍ର ଶର୍ମା, କାର୍ଯ୍ୟନିର୍ବାହୀ ସଦସ୍ୟ ଏମ୍‌ଡି ମୁର, ରୁକସାନା ବେଗମ, ଯୁବନେତା ସାକିର ହୁସେନ, ସେବାଦଳର ବୁଲୁ ଦାସ, ନାରୀନେତ୍ରୀ ଝୁନୁ ପଟ୍ଟନାୟକ, ବ୍ଲକ୍ ସଭାପତି ବିଜୟ ଆପଟ ଓ ସୁନୀଲ ପଟ୍ଟନାୟକ, ସାମାଜିକ ଗଣମାଧ୍ୟମର ଉପାଧ୍ୟକ୍ଷ ସୁଧୀର ନାଥ, ପି. ଗୋବିନ୍ଦା, କୁଅଁର ସିଂ, ଈଶ୍ୱର ପ୍ରଧାନ, ରାଜନ ତନ୍ତୀ, ବସନ୍ତ ମହାକୁଡ, ବିଜୟ ସାହୁ, ପ୍ରତାପ ସାହୁ, ବଳବୀର ସିଂହ, ଚତୁର୍ଭୁଜ ସାମଲ, ଏମ୍‌ଡି ସଲ୍ଲାଉଦ୍ଦିନ, ସୁଧୀର ଚୌହାନ, ବିବେକ ସାହୁ, ସୋନୁ ସାହୁ, ଅର୍ଜୁନ ଗୋଚ୍ଛାୟତ, ଡେଭିଡ ପ୍ରଧାନ, ଏମ୍‌ଡି ଆଲମ, ବାବୁ ଖାନ, ଅବଦ୍ଦୁଲ କୟୁମ, ରେହେମାନ ଖାନ ପ୍ରମୁଖଙ୍କ ସମେତ ବହୁ ବ୍ଲକ୍ ସ୍ତରୀୟ କଂଗ୍ରେସ କର୍ମକ□ା ଭିନ୍ନ ଭିନ୍ନ ବ୍ଲକ୍‌ର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ବୋଲି ଦଳ ତରଫରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି ।

# ଧର୍ମଶାଳା ବାଣୀପୀଠ ପୁରାତନ ଛାତ୍ର ସଂସଦର ପ୍ରସ୍ତୁତି ବୈଠକ



ଧର୍ମଶାଳା (ପିଏନ୍): ଧର୍ମଶାଳା ବାଣୀପୀଠ ପୁରାତନ ଛାତ୍ର ସଂସଦର ଏକ ସାଧାରଣ ବୈଠକ ବାଣୀପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଚଳିତ ଡିସେମ୍ବର ୨୬ତାରିଖରେ ପାଳିତ ହେବାକୁ ଥିବା ବିଦ୍ୟାଳୟର ପ୍ଲାଟିନମ ଜୁବୁଲି ଉତ୍ସବ ପ୍ରସ୍ତୁତି ସଂପର୍କରେ ଆଲୋଚନା କରାଯାଇଥିଲା । ସଂସଦର ସଭାପତି ଡା. ବିଜୟ କୁମାର ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସାଧାରଣ ସଂପାଦକ ଆଦିକନ୍ଦ ସ୍ୱାଇଁ ପୂର୍ବ ବୈଠକର ବିବରଣୀ ପ୍ରଦାନ କରିବା ସହ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ପ୍ରଦାନ କରିଥିଲେ । ପ୍ଲାଟିନମ ଜୁବୁଲି ଉତ୍ସବରେ ଓଡିଶାର ମହାମହିମ ରାଜ୍ୟପାଳଙ୍କୁ ମୁଖ୍ୟ ଅତିଥି ରୂପେ ନିମନ୍ତ୍ରଣ କରାଯିବାକୁ ବୈଠକରେ ନିଷ୍ପତି ହୋଇଥିଲା । ସଂସଦର ଉପଦେଷ୍ଟା ରମେଶ ଚନ୍ଦ୍ର ସିଂ ବାଣୀପୀଠର ପ୍ଲାଟିନମ ଜୁବୁଲି ଉତ୍ସବ ପାଳନ ନିମ' ଅତିଥି ଚୟନ, ବିଭିନ୍ନ କମିଟି ଗଠନ ଏବଂ ଏହାକୁ ସଫଳ କରିବା ପାଇଁ ବିଭିନ୍ନ ପ୍ରସ୍ତାବ ଦେଇଥିଲେ । ଏହି ଅବସରରେ ପ୍ଲାଟିନମ ଜୁବୁଲି ପାଇଁ ଅଭ୍ୟର୍ଥନା କମିଟି, ଅର୍ଥ କମିଟି, ପତ୍ରିକା କମିଟି ସହ ବିଭିନ୍ନ କମିଟି ଗଠନ କରାଯାଇ ପୁରାତନ ଛାତ୍ର ମାନଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଥିଲା । ସଂସଦର ମୁଖପତ୍ର 'ବାଣୀବିତାନ'କୁ ଚଳିତ ବର୍ଷ ସ୍ୱତନ୍ତ୍ର ଓ ଗୁଣାତ୍ମକ କରିବା ପାଇଁ ପୁରାତନ ଛାତ୍ରଛାତ୍ରୀଙ୍କ ଠାରୁ ଲେଖା ଗ୍ରହଣ କରିବା ପାଇଁ ସମୟସୀମା ଧାର୍ଯ୍ୟ କରାଯାଇଥିଲା । ଆସନ୍ତା ଅକ୍ଟୋବର ୩୦ତାରିଖ ସୁଦ୍ଧା ପୁରାତନ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ପତ୍ରିକା ପାଇଁ ଉଦ୍ଦିଷ୍ଟ ଲେଖାଗୁଡ଼ିକୁ ସାଧାରଣ ସଂପାଦକ ଆଦିକନ୍ଦ ସ୍ୱାଇଁ ଓ ପତ୍ରିକା କମିଟି ସଦସ୍ୟ ସତ୍ୟପ୍ରିୟ ମହାନ୍ତିଙ୍କ ନିକଟରେ ପହଂଚାଇବାକୁ ନିବେଦନ କରାଯାଇଥିଲା । ଏହି ବୈଠକରେ ବାଣୀପୀଠର ଶିକ୍ଷକ ପ୍ରଭାତ କୁମାର କର, ପୁରାତନ ଛାତ୍ର ଜଳଧର ମହାନ୍ତି, ଲକ୍ଷ୍ମୀକାନ୍ତ ଚ୍ୟାଉ ପଟ୍ଟନାୟକ, ଜଗବଂଧୁ ସ୍ୱାଇଁ, ସୁନାକର ସାହୁ, ବିଜୟ କୁମାର ନାୟକ, ବିବେକାନନ୍ଦ ନାୟକ, ନିଗମାନନ୍ଦ ବିଶ୍ୱାଳ, ଧରଣୀଧର ଦାଶ, ଅଖିଳ କୁମାର ସ୍ୱାଇଁ, ଅବିନେଶ୍ୱର ଶତପଥୀ, ବିକ୍ରମ କେଶରୀ ମହାନ୍ତି, ରବି ନାରାୟଣ ଦାଶ, ରିଆଜୁଲ ହକ୍, ମହମ୍ମଦ ଅଜିଜୁଲା, ନରେନ୍ଦ୍ର ରାଉତ, ଭିକାରୀ ମଲିକ, ନିଳମଣି ନାୟକ, ସୋମନାଥ ସାହୁ ପ୍ରମୁଖଙ୍କ ସମେତ ବହୁ ପୁରାତନ ଛାତ୍ର ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ପ୍ରାରମ୍ଭରେ ଦିବଂଗତ ପୁରାତନ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା । ଆଗାମୀ ଜୁଲାଇ ମାସ ୧୭ତାରିଖରେ ପରବର୍ତୀ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେବ ବୋଲି ସ୍ଥିର କରାଯାଇଥିଲା । ଶେଷରେ ପୁରାତନ ଛାତ୍ର ନିରଂଜନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ସହରା□ଳର ଭୂମିହୀନଙ୍କୁ ଜମି ଯୋଗାଣ ପାଇଁ ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା (ପିଏନ୍): ରାଜ୍ୟ ସରକାରଙ୍କ ନିଷ୍ପ□ି କ୍ରମେ ସହରା□ଳରେ ବସବାସ କରୁଥିବା ଭୂମିହୀନମାନଙ୍କୁ ଖୁବଶୀଘ୍ର ଜମି ଯୋଗାଇ ଦିଆଯିବା ପାଇଁ ପ୍ରଶାସନ ସ୍ତରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏସମ୍ପର୍କରେ ଉପଜିଲ୍ଲାପାଳ ନିରଞ୍ଜନ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କେନ୍ଦ୍ରାପଡା ତହସିଲଦାର ହେମଲତା ବାହାଲିଆ, ପଟ୍ଟାମୁଣ୍ଡାଇ ତହସିଲଦାର ଦିଲିପ କୁମାର ସେଠୀ, କେନ୍ଦ୍ରାପଡା ପୌରସଂସ୍ଥା ନିର୍ବାହୀ ଅଧିକାରୀ ଦେବପ୍ରସାଦ ବଳ ଓ ପଟ୍ଟାମୁଣ୍ଡାଇ ପୌରସଂସ୍ଥାର ଅଧିକାରୀ ପ୍ରମୁଖ ଯୋଗଦେଇ କେନ୍ଦ୍ରାପଡା ପୌରା□ଳରେ ୧୮୭ ଜଣ ଭୂମିହୀନ ଓ ପଟ୍ଟାମୁଣ୍ଡାଇ ପୌରା□ଳରେ ୫୪ ଜଣ ଭୂମିହୀନଙ୍କୁ ଜମିପଟା ପ୍ରଦାନ କରାଯିବ ବୋଲି ନିଷ୍ପ□ି ଗ୍ରହଣ କରିଛନ୍ତି । କେନ୍ଦ୍ରାପଡା ତହସିଲ ଅଧିନରେ ଥିବା କେନ୍ଦ୍ରାପଡା ପୌରା□ଳର ବିଭିନ୍ନ ସ୍ଥାନରେ ୩୬ଟି ପ୍ଲଟରୁ ଜଣକୁ ୩୨୩ ବର୍ଗଫୁଟ ଓ ପଟ୍ଟାମୁଣ୍ଡାଇ ତହସିଲ ଅଧିନରେ ଥିବା ପୌରାଂଚଳର ସରକାରୀ ଜମିରୁ ୫୪ଜଣକୁ ବିଭିନ୍ନ ସ୍ଥାନରୁ ଜମି ପଟା ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଛି । ପୌରା□ଳର ଭୁମିହୀନମାନଙ୍କୁ ଥଇଥାନ କରିବା ଉଦେଶ୍ୟରେ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା ଉପଜିଲ୍ଲାପାଳ ଶ୍ରୀ ବେହେରା କହିଛନ୍ତି ।

## ଶ୍ରୀବଳଦେବଜୀଉଙ୍କ ଚନ୍ଦନ ପୋଖରୀରୁ ଶ୍ରୀବିଷ୍ଣୁ ପ୍ରତିମା ଉଦ୍ଧାର



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡାର ଆରାଧ୍ୟ ପ୍ରଭୁ ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ଚନ୍ଦନ ପୋଖରୀରୁ ଶ୍ରୀବିଷ୍ଣୁଙ୍କ ପ୍ରତିମା ଉଦ୍ଧାର କରାଯାଇଥିବା ଜଣାପଡିଛି । ସୂଚନା ଅନୁଯାୟୀ ଶ୍ରୀଜୀଉଙ୍କ ଚନ୍ଦନ ଯାତ୍ରା ଚାଲିଥିବା ବେଳେ ଇଛାପୁରସ୍ଥିତ ନୂତନ ଚନ୍ଦନ ପୋଖରୀରେ ଦିଅଁଙ୍କ ଚାପଖେଳ ଦେଖିବା ପାଇଁ ଶହ ଶହ ଶ୍ରଦ୍ଧାଳୁ ଓ ଭକ୍ତମାନେ ଘଟଣା ସ୍ଥଳରେ ରୁଣ୍ଡ ହେଉଥିଲେ । ସେହି ସମୟରେ ପୋଖରୀ ମଧ୍ୟରେ ଏକ ମୂର୍ତି ରହିଥିବା ସ୍ଥାନୀୟ ଜଣେ ବ୍ୟକ୍ତିଙ୍କ ନଜରକୁ ଆସିଥିଲା । ପରେ ସେହି ମୂର୍ତିକୁ ଉଦ୍ଧାର କରାଯିବା ପରେ ଏହା ଅଷ୍ଟଧାତୁରେ ନିର୍ମିତ ପ୍ରାଚୀନ ମୂ□ି ବୋଲି ସ୍ଥାନୀୟ ଅ□ଳରେ ଆଲୋଚନା ହେଉଥିବା ଶୁଣିବାକୁ ମିଳିଛି । ଠାକୁରଙ୍କ ଚନ୍ଦନଯାତ୍ରା ସମୟରେ ପୋଖରୀରୁ ମୂ□ି ଉଦ୍ଧାର ହେବା ଘଟଣା ଜଣାପଡିବା ପରେ ଶହ ଶହ ବ୍ୟକ୍ତି ଏହାକୁ ଦେଖିବା ପାଇଁ ଘଟଣାସ୍ଥଳରେ ରୁଣ୍ଡ ହୋଇଥିବା ଦେଖିବାକୁ ମିଳିଛି ।

## ଜମିବାଡି ବିବାଦରୁ ତଣ୍ଟିଚିପି ମାରିଦେବା ନେଇ ଥାନାରେ ଅଭିଯୋଗ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ପୌରା□ଳର ୨ନମ୍ବର ଓ୍ୱାର୍ଡ ଅନ୍ତର୍ଗତ କମାରଖଣ୍ଡି ଗ୍ରାମରେ ଜମିବାଡି ବିବାଦକୁ ନେଇ ଜଣେ ବ୍ୟକ୍ତିଙ୍କୁ ମାଡ ମାରିବା ସହିତ ତଣ୍ଟିଚିପି ତାଙ୍କୁ ମାରି ଦେଇଥିବା ନେଇ ମୃତକଙ୍କ ପତ୍ନୀ ଅମ୍ବିକା ବେହେରା ଟାଉନ ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁଯାୟୀ ପୋଲିସ ୯୪/୨୨ରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି । କମାରଖଣ୍ଡି ଗ୍ରାମର ରବୀନ୍ଦ୍ର ବେହେରାଙ୍କ ସହିତ ତାଙ୍କ ପଡିଶା ଅଶୋକ ବେହେରାଙ୍କ ଜମିବାଡି ବିବାଦ ଦୀର୍ଘଦିନରୁ ରହିଆସିଛି । ରବୀନ୍ଦ୍ର ତାଙ୍କ ଜମିରେ କାର୍ଯ୍ୟ କରୁଥିବା ବେଳେ ଅପରପକ୍ଷ ପ୍ରତିବାଦ କରିବାରୁ ଉଭୟଙ୍କ ମଧ୍ୟରେ ପ୍ରଥମେ ବଚସା ଓ ପରେ ହାତାହାତି ହୋଇଥିଲା । ଫଳରେ ଅଶୋକ ବେହେରାଙ୍କ ସମେତ ଅନ୍ୟ ୭ଜଣ ମିଳିମିଶି ରବୀନ୍ଦ୍ରଙ୍କୁ ନିସ୍ତୁକ ପିଟିବା ସହ ତଣ୍ଟିଚିପି ହତ୍ୟା କରିଥିବା ମୃତକ ରବୀନ୍ଦ୍ରଙ୍କ ପତ୍ନୀ ଅମ୍ବିକା କେନ୍ଦ୍ରାପଡା ଟାଉନ ଥାନାରେ ଅଭିଯୋଗ କରିଛନ୍ତି । ଟାଉନ ଥାନା ପକ୍ଷରୁ ରବୀନ୍ଦ୍ରଙ୍କ ଶବ ଜବତ କରାଯାଇ ବ୍ୟବଚ୍ଛେଦ କରାଯିବା ସହ ଘଟଣାର ତଦନ୍ତ ଚାଲିଥିବା ଥାନା ଅଧିକାରୀ ଗୌରାଙ୍ଗ ଚରଣ ପୃଷ୍ଟିଙ୍କଠାରୁ ସୂଚନା ମିଳିଛି ।

## ପୁରାତନ ମନ୍ଦିର କୁଶଳେଶ୍ୱରରୁ ମୂ□ି ଚୋରି

ଆନନ୍ଦପୁର (ପିଏନ୍): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ଦେଓଗାଁର ପୁରାତନ ମନ୍ଦିର କୁଶଳେଶ୍ୱର ଶୈବପୀଠରୁ ପୁରାତନ ଚନ୍ଦ୍ରଶେଖର ମୂ□ି ଚୋରି ହୋଇଯାଇଛି । ଚାନ୍ଦି ରୁପାରେ ନିର୍ମିତ ଏହି ମୂ□ିର ଓଜନ ୧୦ କେ.ଜି.ରୁ ଉର୍ଦ୍ଧ୍ୱ ହେବ ବୋଲି ମନ୍ଦିରର ପୂଜାପଣ୍ଡା ପ୍ରକାଶ କରିଛନ୍ତି । ଭୋର ସମୟରେ ପୂଜା ପଣ୍ଡାମାନେ ନୀତିକାନ୍ତି କରିବାକୁ ଆସିଥିବା ସମୟରେ ଚନ୍ଦ୍ରଶେଖର ମନ୍ଦିରର ଚାବି ଭାଙ୍ଗି କେହି ଦୁର୍ବୃ□ ମୂ□ି ଚୋରି କରି ନେଇଯାଇଥିବା ଦେଖି ଘଷିପୁରା ପୋଲିସ୍‌କୁ ଖବର ଦେଇଥିଲେ । ଘଟଣା ସ୍ଥଳରେ ପୋଲିସ୍ ପହଂଚି ତଦନ୍ତ ଆରମ୍ଭ କରିଥିଲେ । ତା'ପରେ ମନ୍ଦିରରେ ସେଦିନ ନୀତିକାନ୍ତି ବନ୍ଦ ରହିଥିବା ବେଳେ ଘଷିପୁରା ଅଂଚଳରେ ଅପରାଧୀ ଓ ଚୋରଙ୍କ ପ୍ରାଦୁର୍ଭାବ ବଢି ଚାଲିଥିବା ବେଳେ ଏହା ଘଷିପୁରା ପୋଲିସ୍ ପାଇଁ ଚ୍ୟାଲେଂଜ ସୃଷ୍ଟି କରିଛି ।

## ପଞ୍ଚବଟୀରେ ରାମଚରିତ ପାରାୟଣ ଉଦ୍‌ଯାପିତ



ଫୁଲନଖରା (ପିଏନ୍)-ଜୟରଶାସନସ୍ଥ ପଞ୍ଚବଟୀଠାରେ ୨୫ତମ ବାର୍ଷିକ ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ ହୋଇଛି । ଏଥିରେ ବାଳକୃଷ୍ଣ ବେହେରା ଓ ନୀଳିମା ବେହେରା କର୍ତ୍ତାଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ । ମହିଳା କମିସନ ପୂର୍ବତନ ଅଧ୍ୟକ୍ଷା ନମିତା ପଣ୍ଡା, ବାଲିଅନ୍ତା ବ୍ଲକ ଅଧ୍ୟକ୍ଷା ବାସନ୍ତୀ ଖଟୁଆ, ପାହାଳ ଆଇଆଇସି ଷ୍ଟାଲିନ ବିଶ୍ୱାଳ, କୈଳାସଚନ୍ଦ୍ର ବରାଳ, ଜିଲାପରିଷଦ ସଭ୍ୟ ମହେଶ୍ୱର ଦାସ, ଜଗନ୍ନାଥପୁର ସରପଞ୍ଚ ବିଶ୍ୱଜିତ ଭୋଇ, ଆଇନଜୀବୀ ଉମାକାନ୍ତ ନନ୍ଦ, ସାମ୍ବାଦିକ ଲଳିତକୁମାର ଦାଶ, ଶ୍ରୀ ସନ୍ନ୍ୟାସୀ ଜୀ, ଆଇନଜୀବୀ କବିନାରାୟଣ ଜେନା, ପ୍ରାକ୍ତନ ସରପଞ୍ଚ ବଂଶୀଧର ଭୋଳ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ । ଏହି ଅବସରରେ ବାଳକୃଷ୍ଣ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ସନ୍ଥ ହରିଚରଣ ଦାସ ମହାରାଜ, ପଣ୍ଡିତ ବ୍ରହ୍ମାନନ୍ଦ ହୋତାଶର୍ମା, ଶ୍ୟାମସୁନ୍ଦର ଦାଶ, ପଣ୍ଡିତ ଦିଲୀପକୁମାର ପଣ୍ଡା, ପ୍ରଶାନ୍ତ ଶତପଥି, ବୈଦ୍ୟନାଥ ପାଣି, ପ୍ରଭାତ ଶତପଥି, ବିଶ୍ୱଜିତ ପାଣି, ନାରାୟଣ ମହାନ୍ତି ଓ ପ୍ରଶାନ୍ତ ବେହେରାଙ୍କୁ ସମ୍ମାନିତ କରାଯାଇଥିଲା । ଡାକ୍ତର ଭିକାରିଚରଣ ସାହୁ ଓ ପ୍ରଦୀପକୁମାର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Praggyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

ଖେଳ

ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ

Bhubaneswar Saturday November 18, 2023 ଭୁବନେଶ୍ୱର ଶନିବାର, ନଭେମ୍ବର ୧୮,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com ୮

## ଗୋଲାମୁଣ୍ଡା ଜନ ନକଲ୍ୟାଣ ସାମ୍ବାଦିକ ସଂଘ ପକ୍ଷରୁ ପ୍ରେସ ଦିବସ ପାଳିତ



ଗୋଲାମୁଣ୍ଡା, (ପି.ଏନ) : କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଜନକଲ୍ୟାଣ ସାମ୍ବାଦିକ ସଙ୍ଘ ପକ୍ଷରୁ ଗଦଲାଝରଣ ଚୁରପାହାଡ଼ ଠାରେ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି । ଜନକଲ୍ୟାଣ ସାମ୍ବାଦିକ ସଂଘର ସଭାପତି ରାମ କୁମାର ସେନାପତିଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଥିବା ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ରାଜ୍ୟ ସାମ୍ବାଦିକ ସଂଘର ଉପସଭାପତି ଦୁଷ୍ମନ୍ତ କୁମାର ପଣ୍ଡା, ସମ୍ମାନିତ ଅତିଥି ଭାବେ କଳାହାଣ୍ଡି ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ମହମ୍ମଦ ଅଲ୍ଲୀ ଖାଁ, ଜିଲ୍ଲା ସମ୍ପାଦକ ଜଗ ମୋହନ ପଟ୍ଟନାୟକ, ଦଶପୁର ଫାଣ୍ଡି ଅଧିକାରୀ ବିରବନ୍ଧୁ ସେଠି, ସମାଜସେବୀ ଶ୍ୟାମ ସୁନ୍ଦର ଅଗ୍ରୱାଲ, ଜନ କଲ୍ୟାଣ ସାମ୍ବାଦିକ ସଂଘର ସମ୍ପାଦକ ଈଶ୍ୱର ପୁଟେଲ ପ୍ରମୁଖ ଉପସ୍ଥିତ ରହିଥିଲେ । ମଂଚାସୀନ ଅତିଥି ମାନେ ଏକ ସୁସ୍ଥ ସମାଜ ଗଠନ କରିବାରେ ସାମ୍ବାଦିକର ଭୂମିକା ଉପରେ ଆଲୋକପାତ କରିବା ସହ ସାମ୍ବାଦିକତା କୁ ପେଶା ନକରି ନିଶା କରି ନିର୍ଭିକ ଏବଂ ନିରପେକ୍ଷ ଭାବେ ସାମ୍ବାଦିକତା କରିବା ପାଇଁ ଉପସ୍ଥିତ ସାମ୍ବାଦିକ ମାନଙ୍କୁ ଦିଗଦର୍ଶନ ଦେଇଥିଲେ । କାର୍ଯ୍ୟକ୍ରମରେ ଉତ୍ତମ ସାମ୍ବାଦିକତା ପାଇଁ ଲବଜି ପଟେଲ, କପୁରଚ୍ନ ସେଠିଆ, ପ୍ରିୟ କୃଷ୍ଣ ପଟେଲ, ବିଶିକେଶନ ଜ୍ୟୋତିଷଙ୍କୁ ସମ୍ମାନିତ କରାଯାଇଥିଲା । ଏହା ସହ ଉକ୍ତ କାର୍ଯ୍ୟକ୍ରମରେ ଗୋଲାମୁଣ୍ଡା ବ୍ଲକ ପର୍ଯ୍ୟବେକ୍ଷକ ଖବର କାଗଜ ପ୍ରତିନିଧି ମାନସ ରଂଜନ ରାଉତ ଓ ପୁର୍ଣ ଚନ୍ଦ୍ର ସରାଫ ନୂତନ ସଦସ୍ୟ ଭାବେ ଜନ କଲ୍ୟାଣ ସାମ୍ବାଦିକ ସଂଘରେ ଯୋଗଦାନ ଦେଇଥିଲେ । କାର୍ଯ୍ୟକ୍ରମରେ ଜନକଲ୍ୟାଣ ସାମ୍ବାଦିକ ସଂଘର ସଭାପତି ରାମ କୁମାର ସେନାପତି, ଉପ ସଭାପତି ଲବଜି ପୁଟେଲ, ସମ୍ପାଦକ ଈଶ୍ୱର ପୁଟେଲ, ସହ ସମ୍ପାଦକ କପୁରଚ୍ନ ସେଠିଆ, କୋଷାଧକ୍ଷ ରବୀନ୍ଦ୍ର ରାଉତ, ପ୍ରିୟକୃଷ୍ଣ ପଟେଲ, କ୍ଷୀରସିନ୍ଧୁ ପୁଟେଲ, ବିସିକେଶନ ଜ୍ୟୋତିଷ, ଧନେଶ୍ୱର ଭାଟି, ବ୍ରହ୍ମା କାଣ୍ଡ, ସରୋଜ ମୁଣ୍ଡ, ସୁରେନ୍ଦ୍ର ଭୋଇ, କୃଷ୍ଣଚନ୍ଦ୍ର ମହାନନ୍ଦ, ପୂର୍ଣ୍ଣଚନ୍ଦ୍ର ସରାଫ, ଶ୍ୟାମସୁନ୍ଦର ଅଗ୍ରୱାଲ,ଲୋକନାଥ ଟୋଲଟିଆ ପ୍ରମୁଖ ଉପସ୍ଥିତ ଥିଲେ । ସାମ୍ବାଦିକ ବ୍ରହ୍ମା କାଣ୍ଡ ମଞ୍ଚ ପରିଚାଳନା କାର୍ଯ୍ୟ ନିର୍ବାହ କରିଥିଲେ ।

## ଜାରକାରେ ବିଜେଡିର ପ୍ରଶିକ୍ଷଣ ଶିବିର



ଧର୍ମଶାଳା,(ପିଏନ୍): ଧର୍ମଶାଳା ବ୍ଲକ୍ ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମ ପରିସରରେ ଧର୍ମଶାଳା ବିଜେଡି ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି । ନିର୍ବାଚନମଣ୍ଡଳୀର ୫୪ଗୋଟି ପଞ୍ଚାୟତର ସକ୍ରିୟ କର୍ମୀମାନଙ୍କୁ ନେଇ ଏହି ଶିବିର ବୁଧବାର ଠାରୁ ଆରମ୍ଭ ହୋଇଥିବା ବେଳେ ଏହା ଆସଂ। କଲି ଉଦଯାପିତ ହେବ । ତୃଣମୂଳ ସ୍ତରରୁ ନେତା ଓ କର୍ମୀମାନଙ୍କୁ ଗୁରୁମନ୍ତ୍ର ପ୍ରଦାନ କରାଯିବା ସହ ଆଗାମୀ ନିର୍ବାଚନ ପାଇଁ ରଣନୀତି ପ୍ରସ୍ତୁତ କରାଯିବ । ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ ରାଜ୍ୟ ବିଜେଡି ମୁଖପାତ୍ର ଲେଲିନ ମହାଁ, ପ୍ରିୟବ୍ରତ ମାଝି, ସୋଫିଆ ଆଲାମ ଓ ସୋସିଆଲ ମିଡିଆ ସଂଯୋଜକ ସ୍ୱୟଂ ପ୍ରକାଶ ମହାପାତ୍ର ପ୍ରମୁଖ ଯୋଗଦେଇ ପ୍ରଶିକ୍ଷଣ ଶିବିରର ଆଭିମୁଖ୍ୟ ସମ୍ପର୍କରେ ଅବଗତ କରିବା ସହ ଦଳୀୟ ନେତା ଓ କର୍ମୀମାନଙ୍କୁ ଗୁରୁମନ୍ତ୍ର ପ୍ରଦାନ କରିଥିଲେ । ଏହି ଶିବିରରେ ରାଜ୍ୟ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା, ସୋସିଆଲ ମିଡିଆର ବ୍ୟବହାର, କେନ୍ଦ୍ରୀୟ ଅବହେଳା ଓ ଧର୍ମଶାଳା ଅଂଚଳର ବିକାଶ ଉପରେ ଆଲୋଚନା କରାଯାଇଥିଲା । ସରକାରଙ୍କ ସଫଳତା ଓ ନବୀନଙ୍କ ବାର୍ତା ସହ ଆଗାମୀ ୨୦୨୪ ନିର୍ବାଚନ ପାଇଁ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରାଯାଇଛି । ବୁଧବାର ଦିନ ନିର୍ବାଚନମଣ୍ଡଳୀର ୧୪ନଂ ଜୋନ ଅଧିନ ବିଭିନ୍ନ ପଂଚାୟତରୁ ଆସିଥିବା ୬୨୨ଜଣ ସକ୍ରିୟ କର୍ମୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିବା ବେଳେ ଗୁରୁବାର ଦିନ ୧୩ନଂ ଜୋନର ୧୦ପଂଚାୟତରୁ ୬୪୪ଜଣ,୧୨ନଂଜୋନ ୬ ପଂାୟତରୁ ୪୦୨ଜଣ , ୧୫ନଂ ଜୋନ୧ଗୋଟି ପଂଚାୟତରୁ ୮୮ଜଣ,ଆଜି ଏହି ନିର୍ବାଚନ ମଣ୍ଡଳୀର ୧୧ନଂ ଜୋନର ୯ଗୋଟି ପଂଚାୟତ, ୧୨ନଂ ଜୋନର ୩ଗୋଟି ପଂଚାୟତ ଓ ୩୪ନଂ ଜୋନର ୪ଗୋଟି ପଂଚାୟତର ବୁଥ ସ୍ତରର କର୍ମୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା । ଏହି ପ୍ରଶିକ୍ଷଣ ଶିବିର ଶନିବାର ଉଦଯାପିତ ହେବ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି ।

## କାର୍ତ୍ତିକେଶ୍ୱର ପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ



ଭୁବନେଶ୍ୱର, (ପି.ଏନ): ହିଞ୍ଜିଳିକାଟୁ ପୌରାଞ୍ଚଳ ଅନ୍ତର୍ଗତ କେଉଟ ସାହି ଠାରେ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ କେଉଟ ସାହି ଠାରେ କାର୍ତ୍ତିକେଶ୍ୱର ପୂଜା ନିମନ୍ତେ ଶୁଭଖୁଣ୍ଟି ସ୍ଥାପନ ହୋଇଥିଲା । ପୁରୋହିତ କିଶୋର ଚନ୍ଦ୍ର ପାଠୀ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ । ଆସନ୍ତା ମାସ ୨୧ଠାରୁ କାର୍ତ୍ତିକ ମାସ ଶେଷ ରାସ ପୂର୍ଣ୍ଣିମା ପର୍ଯ୍ୟନ୍ତ ପୂଜା ଅନୁଷ୍ଠିତ ହେବ ବୋଲି ପୂଜା କମିଟି ପକ୍ଷରୁ ସୂଚନା ମିଳିଛି । ଏହି କାର୍ଯ୍ୟକ୍ରମ ସୁଶାନ୍ତ ବେହେରା, ସ୍ୱାଧୀନ ବେହେରା, ଶିଶିର ପାତ୍ର, ଲକ୍ଷ୍ମଣ ବେହେରା, ପାଣ୍ଡା ବେହେରା, ଭୋଳା ବେହେରା, ତ୍ରିନାଥ ବେ ବେହେରା, ଭଗବାନ ବେହେରା, ପ୍ରକାଶ ବେହେରା, ମୁନା ବେହେରା ସମେତ କେଉଟ ସାହି ର ବହୁତ ଯୁବକ ଉପସ୍ଥିତ ଥିଲେ ।

## ଧର୍ମଶାଳାରେ ଶ୍ରମିକ ସମାବେଶକୁ ନେଇ ଚର୍ଚ୍ଚା



ଧର୍ମଶାଳା, (ପିଏନ୍): ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ୍ ବାଟିଯୋଡ଼ା ଠାରେ ଶ୍ରମିକ ସମାବେଶକୁ ନେଇ ଚର୍ଚ୍ଚା ଜୋର ଧରିଛି । ଧର୍ମଶାଳା ବିକାଶ ପରିଷଦର ସଦସ୍ୟ ରନ ଓଝାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଓବିସି ଛାତ୍ର ସଂଘର ରାଜ୍ୟ ଆବାହକ, ବିଦ୍ୟୁତ୍ କର୍ମଚାରୀ ସଂଘ ରାଜ୍ୟ ସଭାପତି ତଥା ଶ୍ରମିକ ସଂଗଠନର ସଭାପତି ଶ୍ରୀକାଂ ସାହୁ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଥିଲେ । ତେବେ ଉକ୍ତ ସଭାରେ ବିଜୁ ଜନତା ଦଳର ବ୍ୟାନର ପୋଷ୍ଟର ଶୋଭା ପାଉଥିବା ବେଳେ କେବଳ ବିଧାୟକଙ୍କ ଫଟୋ କିମ୍ବା ସ୍ଲୋଗାନ ଶୁଣିବାକୁ ମିଳି ନଥିବାରୁ ଏହା ଧର୍ମଶାଳା ନିର୍ବାଚନ ମଣ୍ଡଳୀ ପାଇଁ ଏକ ରୋଚକ ଖବର ହୋଇଛି । ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାରେ ଶ୍ରମିକ ମାନଙ୍କ ସ୍ୱାର୍ଥ ପାଇଁ ଅହରହ ନିଜର ପ୍ରଚେଷ୍ଟା ବଳରେ ବିଭିନ୍ନ ଯୋଜନା କରିଥିବା ବେଳେ ଧର୍ମଶାଳାରେ ଶ୍ରମିକ ମାନଙ୍କୁ ସଂଗଠିତ ହେବା ସହିତ ସେମାନଙ୍କ ହକ ପାଇଁ ଏକଜୁଟ ହେବାକୁ ସେ ଆହ୍ୱାନ ଦେଇଥିଲେ । ପୂର୍ବରୁ ଧର୍ମଶାଳାର ଶ୍ରମିକ ମାନଙ୍କ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ଥିବା ବେଳେ ଏବେ କିଛି ମୁଷ୍ଟି ମେୟ ଲୋକ ସେମାନଙ୍କର ହକ କୁ ଛଡାଇ ନେଇଛନ୍ତି । ସ୍ଥାନୀୟ ନିଯୁକ୍ତି କମି ଯାଇଥିବା ବେଳେ ନିର୍ବାଚନ ମଣ୍ଡଳୀ ବାହାରୁ କିଛି ମାଫିଆ ଶ୍ରେଣୀର ଲୋକ ଏବେ ଶ୍ରମିକ ମାନଙ୍କୁ ସେମାନଙ୍କର ଅଧିକାରରୁ ବଞ୍ଚିତ କରିଛନ୍ତି । ଶହ ଶହ ସଂଖ୍ୟାରେ ଉପସ୍ଥିତ ଶ୍ରମିକ ମାନଙ୍କୁ ରାଜ୍ୟ ଯାଦବ ମହାସଭାର ସଭାପତି ଉତମ ଦାସ, ସାମ୍ବାଦିକ ମାନସ ରନ ଜେନା, ଆର୍ତତ୍ରାଣ ମାଳିକ, ବେଣୁଧର ମଲିକ ପ୍ରମୁଖ ଯୋଗ ଦେଇ ଶ୍ରମିକ ମାନଙ୍କ ସମସ୍ୟା କୁ ନେଇ ଆଲୋଚନା କଲା ବେଳେ ଏବେ ସ୍ଥାନୀୟ ଅଞ୍ଚଳର କଳା ପଥର ଖଣିଜ ସମ୍ପଦ କିପରି ଲୁଟ ହୋଇ ଚାଲିଛି ଓ ସେଥିରେ କେଉଁ ମାନେ ଉପକୃତ ହେଉଛନ୍ତି ତାର ବିଶଦ ଆଲୋଚନା କରିଥିଲେ । ଏଥି ସହିତ ନିଜର ଅଧିକାର ପାଇଁ ଏବେ ଆନ୍ଦୋଳନର ସମୟ ଆସି ଯାଇଛି ବୋଲି କହିଥିଲେ । ବରଡା ଠାରୁ ସଂପାରୁ ପର୍ଯ୍ୟଂ ରାସ୍ତାର ଅବସ୍ଥା ଅତ୍ୟଂ କଦର୍ଯ୍ୟ ହୋଇଛି । ଆଣ୍ଠୁଏ ଆଣ୍ଠୁଏ ଗାଡ଼ ରେ ଶୋଭା ପାଉଛି ଉକ୍ତ ରାସ୍ତା । ରାସ୍ତାରେ ହାଇୱା ଗାଡ଼ି ଗୁଡ଼ିକ ଦୈନିକ ଶହ ଶହ ଟ୍ରିପ ମାତ୍ରାଧିକ ଭାର ବୋଝେଇ କରି ଯାତାୟାତ ଫଳରେ ଏହି ସରକାରୀ ଗ୍ରାମ୍ୟ ଉନ୍ନୟନ ରାସ୍ତା ଏଭଳି ଅବସ୍ଥା ହୋଇଥିବା ମଞ୍ଚାସୀନ ଅତିଥି ମାନେ କହିଥିଲେ । ଏଥସେଯାଗୁଁ ବିଶେଷ ଭାବରେ ଶ୍ରମିକ ମାନେ କ୍ଷତିଗ୍ରସ୍ତ ହେଉଛନ୍ତି । ଯାହାକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି କହିଥିଲେ । ସେହିପରି ଶ୍ରମିକ ମାନେ ଯେଉଁ କ୍ରସର ଶିଳ୍ପରେ କାର୍ଯ୍ୟ କରୁଛନ୍ତି ସେମାନଙ୍କ ପାଇଁ ମାଲିକ ମାନେ କୌଣସି ସୁରକ୍ଷା ବ୍ୟବସ୍ଥା କରୁନଥିବା ଶ୍ରମିକ ନେତା ମାନେ କହିଥିଲେ । ଆଗାମୀ ଦିନରେ ଏ ସବୁ ଶ୍ରମିକ ସମସ୍ୟାକୁ ନେଇ ଶ୍ରୀକାଂ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ସହିତ ଯଦି ଦଳ ତାଙ୍କୁ ସୁଯୋଗ ଦିଏ ତେବେ ଧର୍ମଶାଳାରେ ବିଜୁ ଜନତା ଦଳରୁ ପାର୍ଥି ହୋଇ ଶ୍ରମିକ ମାନଙ୍କ ସ୍ୱାର୍ଥ ପାଇଁ ତାଙ୍କର ପ୍ରଚେଷ୍ଟା ଜାରି ରଖିବେ ବୋଲି ସ୍ପଷ୍ଟ କରିଥିଲେ । ତେବେ ଆଜି ଗୋଟିଏ ଦିନରେ ବିଜୁ ଜନତା ଦଳର ଦୁଇଟି କାର୍ଯ୍ୟକ୍ରମ ହୋଇଥିବା ଦେଖିବାକୁ ମିଳିଥିଲା । ବିଧାୟକ ପ୍ରଣବ ବଳବଂରାୟ ଜାରକା ଠାରେ ପ୍ରଶିକ୍ଷଣ ଶିବିର ଆୟୋଜନ କରିଥିବା ବେଳେ ଶ୍ରୀକାଂଙ୍କ ଶ୍ରମିକ ସମାବେଶ ରାଜନୈତିକ ସମୀକ୍ଷକ ମାନଙ୍କ ମଧ୍ୟରେ ଉତ୍କଣ୍ଠା ପ୍ରକାଶ ପାଇଛି ।

## ବିଜେପି ହାତ ଛାଡ଼ିଲେ ଚୋରମୁହାଁ ସରପଂଚ

ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ୍ ଚୋରମୁହାଁ ପଂଚାୟତ ସରପଂଚ ପ୍ରଦ୍ୟୁମ୍ନ କେଶରୀ ମହାନ୍ତି ଆଜି ବିଜେପିରୁ ଇସ୍ତଫା ଦେଇଛନ୍ତି । ନିଜ ଇସ୍ତଫା ପତ୍ରକୁ ସେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲଙ୍କ ନିକଟକୁ ପଠାଇ ଦେଇଥିବା ସୂଚନା ଦେଇଛନ୍ତି । ପ୍ରକାଶ ଯେ, ଗତ ପଂଚାୟତ ନିର୍ବାଚନରେ ପ୍ରଦ୍ୟୁମ୍ନ ବିଜେପି ସମର୍ଥନରେ ଚୋରମୁହାଁ ସରପଂଚ ଭାବେ ନିର୍ବାଚିତ ହୋଇଥିଲେ । ତେବେ ବ୍ୟକ୍ତିଗତ କାରଣ ପାଇଁ ସେ ଦଳର ପ୍ରାଥମିକ ସଦସ୍ୟ ଓ ଚହଟା ପଂଚାୟତର ବିଜେପି ପ୍ରଭାରୀ ପଦ ଛାଡ଼ିଥିବା ଇସ୍ତଫା ପତ୍ରରେ ଦର୍ଶାଇଛନ୍ତି । ପୂର୍ବରୁ ପାଟପୁର ସରପଂଚ ସନ୍ଧ୍ୟାରାଣୀ ନାୟକ ବିଜେପି ହାତ ଛାଡ଼ିଥିବା ବେଳେ ଆଜି ଚୋରମୁହାଁ ସରପଂଚ ଶ୍ରୀ ମହାନ୍ତିଙ୍କ ଇସ୍ତଫା ଧର୍ମଶାଳାରେ ବିଜେପି ସଂଗଠନ ଦୁର୍ବଳ ହେବ ବୋଲି କୁହାଯାଇଛି । ତେବେ ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡ଼ିୟମ ପରିସର ଧର୍ମଶାଳା ପଂଚାୟତ ସମିତି ସଭାଗୃହରେ ଚାଲିଥିବା ବିଜେଡ଼ି ପ୍ରଶିକ୍ଷଣ ଶିବିରର ଉଦ୍‌ଯାପନୀ ସମାରୋହରେ ଆସନ୍ତାକାଲି ଶ୍ରୀ ମହାନ୍ତି ବିଧିବଦ୍ଧ ଭାବେ ବିଜେଡ଼ିରେ ଯୋଗ ଦେବେ ବୋଲି ଗଣମାଧ୍ୟମକୁ କହିଛନ୍ତି ।

## ପୂର୍ବତନ ଗ୍ରାମ ମୁଖିଆଙ୍କ ପରଲୋକ



ଜେନାପୁର,(ପି.ଏନ୍) ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ବୃନ୍ଦାଦେଇପୁର ପଞ୍ଚାୟତ ଅଧିନ ଦଇପୁର ଗ୍ରାମର ପୂର୍ବତନ ଗ୍ରାମ ମୁଖିଆ ବାସୁଦେବ ଖଟୁଆ (୯୫) ଆଜି ସକାଳ ୮ ଘଟିକାରେ ନିଜ ବାସଭବନରେ ପରଲୋକ ଘଟିଛି । ସେ ଜଣେ ମେଳାପି ଉତ୍ତମ ପର ଉପକାରୀ ବ୍ୟକ୍ତି ଥିଲେ । ତାଙ୍କ ମୃତ୍ୟୁ ପରେ ଗ୍ରାମରେ ଶୋକର ଛାୟା ଖେଳି ଯାଇଛି । ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ଦୁଇ ପୁଅ ଧୃବଚରଣ ଖଟୁଆ,ଶିବାନନ୍ଦ ଖଟୁଆ ଓ ଦୁଇ ବୋହୁ ସହ ପରିବାର ବାପାଙ୍କ ଛଅ ଭାଇର ପୁଅ ଝିଅମାନଙ୍କ ସହିତ ନାତିନାତୁଣୀମାନେ ଉପସ୍ଥିତ ରହିଥିଲେ । ତାଙ୍କର ଦେହାନ୍ତ ଖବର ଶୁଣି ଆଖପାଖର ଗ୍ରାମର ଲୋକେ ଶେଷକୃତ ଦର୍ଶନ ପାଇଁ ଭିଡ ଜମାଇଥିଲେ ।

## ଉଚ୍ଚ ଶିକ୍ଷମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କ ଦ୍ୱାରା ନିମାପଡା କଲେଜର ନୂତନ ଗୃହ ଉଦଘାଟିତ

ନିମାପଡା,(ପି.ଏନ):ନିମାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ନୂତନ ଶ୍ରେଣୀ ଗୃହ ଆଜି ଉଚ୍ଚ ଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କ ଦ୍ୱାରା ଉଦ୍ଘାଟିତ ହୋଇଯାଇଛି ।ନିମାପଡାର ନୂତନ ବସଷ୍ଟାଣ୍ଡ ନିକଟରୁ ବିଜୁ ଛାତ୍ରଜନତା ଦଳ ପକ୍ଷରୁ ୫୦୦ରୁ ଉର୍ଦ୍ଧ୍ୱ ଏକ ବିଶାଳ ବାଇକ ରାଲି ମାଧ୍ୟମରେ ଉଚ୍ଚଶିକ୍ଷା ମନ୍ତ୍ରୀ ଓ ପୂର୍ବତନ ମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକ ସମୀର ରଞ୍ଜନ ଦାଶଙ୍କୁ ସ୍ୱାଗତ କରାଯାଇ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରକୁ ନିଆ ଯାଇଥିଲା ।ସେଠାରେ ୫କୋଟି ୭୮ଲକ୍ଷ ଟଙ୍କା ବ୍ୟୟ ରେ ନିର୍ମିତ ହୋଇଥିବା ଅତ୍ୟାଧୁନିକ ଭାର୍ଗବୀ ଶ୍ରେଣୀ ଗୃହକୁ ଉଚ୍ଚଶିକ୍ଷା ମନ୍ତ୍ରୀ ଓ ବିଧାୟକ ଲୋକାର୍ପଣ କରିଥିଲେ ।ଏହି ଅବସରରେ ଆୟୋଜିତ ସଭାରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିମାପଡା ସ୍ୱୟଂଶାସିତ ବିଦ୍ୟାଳୟର ଅଧ୍ୟୟନରତ ଛାତ୍ରଛାତ୍ରୀମାନଙ୍କ ଖେଳ,କୁଦ ଓ ବିଭିନ୍ନ ପ୍ରତିଯୋଗିତା ନିମନ୍ତେ ୧୮ଲକ୍ଷ ଟଙ୍କାର ଅନୁଦାନ ଦିଆଯାଇଥିବା କଥା ବିଧାୟକ ଘୋଷଣା କରିଥିଲେ ।ପୁରୀ ଜିଲ୍ଲା ଭିତରେ ଥିବା ସମସ୍ତ ମହାବିଦ୍ୟାଳୟଠାରୁ ନିମାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଅଧିକ ଛାତ୍ରଛାତ୍ରୀ ପାଠ ପଢୁଥିବା ବେଳେ ବାଳକ ଛାତ୍ରାବାସ ନାହିଁ ।ସେହି ଦୃଷ୍ଟିକୋଣରୁ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ଏକ ବାଳକ ଛାତ୍ରାବାସ ନିର୍ମାଣ ପାଇଁ ବିଧାୟକଙ୍କ ଦ୍ୱାରା ପ୍ରସ୍ତାବ ଦିଆଯାଇଥିଲା ।ଗୋପ ବ୍ଲକ



ବଡ଼ତରା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ମଲ୍ଲଗ୍ରାମର ସହୀଦ ପ୍ରତାପ ରଞ୍ଜନ ପରିଡାଙ୍କ ଧର୍ମପତ୍ନୀଙ୍କୁ ସମ୍ମାନିତ କରାଯିବା ସହିତ ତାଙ୍କ ଝିଅର ପାଠ ପଢିବା ସମସ୍ତ ଖର୍ଚ୍ଚ ବିଧାୟକଙ୍କ ତତ୍ୱାବଧାନରେ ସ୍ୱୟଂଶାସିତ ମହାବିଦ୍ୟାଳୟ ବହନ କରିବ ବୋଲି ଘୋଷଣା କରାଯାଇଥିଲା । କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜଗତ ପ୍ରସାଦ ସାବ୍ରୁତ,ଅଧକ୍ଷା ପୁଷ୍ପିତା ରାଜଗୁରୁ ଏବଂ ରମାକାନ୍ତ ଦାଶ ପ୍ରମୁଖ ଉପସ୍ଥିତ ଥିବା ବେଳେ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।




Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751010 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray